# ଚୋରା ବାଲି ଚାଲାଣ ରୋକିବାରେ ପ୍ରଶାସନ ବିଫଳ

## ଗୋଟିଏ ଜାଗାରଣ ଫର୍ମରେ ଅନ୍ୟ ସ୍ଥାନରୁ ବାଲି ଉଠାଣ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହାନି

**ଶେରଗଡ,(ନି.ପ୍ର) :** ଶେରଗଡ ବ୍ଲକ ଦେଇ ଋଷିକୂଲ୍ୟା ନଦୀ ପ୍ରବାହିତ ହେଉଛି। ଏହି ନଦୀ ରୁ ବିଭିନ୍ନ କିସମର ଲଘୁ ଖଣିଜ ଜାତ ଦ୍ରବ୍ୟ ବାଲି ଉତ୍ତୋଳନ କରାଯାଉଛି। ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ସରକାରୀ ନୀତିନିୟମ କୁ ଆଖି ମିଟିକା ମାରି ଶେରଗଡ ତହସିଲ ଅଧିନସ୍ଥ ସନ୍ତୋଷପୁର ବାଲିଶଯ୍ୟା ର ଣ ଫର୍ମରେ ନିର୍ଦ୍ଧାରିତ ଅଞ୍ଚଳ ବାହାରୁ ବେଆଇନ ଭାବେ ବାଲି ଖନନ, ଉତ୍ତୋଳନ ଓ ପରିବହନ ହେଉଥିବା ଦେଖିବାକୁ ମିଳୁଛି। ଲିଜଧାରୀ ଓ ତାଙ୍କ ସହଯୋଗୀ ପ୍ରଶାସନିକ ଆଇନ କୁ ଫୁ କରି ଏଭଳି କଳାକାରନାମା କରୁଥିବା ଦେଖାଯାଉଛି। ସବୁ କିଛି ପ୍ରଶାସନିକ ଅଧିକାରୀ ଓ ତଳୁଆ କର୍ମଚାରୀଙ୍କ ଜ୍ଞାତସାରରେ ଚାଲିଥିବା ଆଲୋଚନା ହେଉଛି। ଏଭଳି ବେଆଇନ କାର୍ଯ୍ୟ କଳାପ ପ୍ରତି କିଛି ଅଧିକାରୀ ଅହେତୁକ ଅନୁକମ୍ପା ଏବଂ ବାଲି ମାଫିଆ ଏବଂ ଅଧିକାରୀ ଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ରୁ ସାଧାରଣ ରେ ଅସନ୍ତୋଷ ସୃଷ୍ଟି ହେଉଛି। ଲିଜଧାରୀ ଓ ଅଧିକାରୀ ଙ୍କ ସଲାସୁତୁରାରେ ବେଆଇନ ବାଲି ଖନନ, ଉତ୍ତୋଳନ ଓ ପରିବହନ ଯୋଗୁଁ ରାଜ୍ୟ ସରକାର ମୋଟା ଅଙ୍କ ବା କୋଟି କୋଟି ଟଙ୍କା ର ରାଜସ୍ୱ ହରାଉଛନ୍ତି। ସବୁଠାରୁ ରୋଚକପୂର୍ଣ୍ଣ କଥା ହେଲା, ଗୋଟିଏ ସୈରାତ ର ଣ ଫର୍ମ ଦେଖାଇ ଅନ୍ୟ ଏକ ସୈରାତ ରୁ ବାଲି ଲୁଟି ଚାଲିଛନ୍ତି। ପ୍ରାପ୍ତ ସୂଚନା ରୁ ଜଣାଯାଏ, ଶେରଗଡ ତହସିଲ ସୀମା ଦେଇ ପ୍ରବାହିତ ଋଷିକୂଲ୍ୟା ନଦୀ ର ସନ୍ତୋଷପୁର ବାଲି ଶଯ୍ୟା ରୁ ବାଲି ଉତ୍ତୋଳନ ନିମନ୍ତେ ଲିଜଧାରୀ ଶରତ ବେହେରା ଙ୍କୁ ଅନୁମତି ମିଳିଛି। ଲଘୁ ଖଣିଜ ବିଭାଗ ପକ୍ଷରୁ ୧୨ ଏକର ପରିମିତ ଅଞ୍ଚଳ ରୁ ଖନନ, ଉତ୍ତୋଳନ ନିମନ୍ତେ ମଞ୍ଜୁରୀ ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ସୀମା ନିର୍ଦ୍ଧାରଣ କରାଯାଇ ଖୁଣ୍ଟ ପୋତାଯାଇଛି। କିନ୍ତୁ ନିର୍ଦ୍ଧାରିତ ଅଞ୍ଚଳ ରୁ ବାଲି ନ ଉଠାଇ ବେଆଇନ ଭାବେ ଅନ୍ୟ ଏକ ଜାଗା ରୁ ବାଲି ଖନନ, ଉତ୍ତୋଳନ ଓ ପରିବହନ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବାଲି ଉତ୍ତୋଳନକାରୀ ଲିଜ ଠାରୁ ଯଥେଷ୍ଟ ଅଧିକ ସ୍ଥାନ ରୁ ବାଲି ଉଠାଉଛନ୍ତି ଏବଂ ଲିଜ ଅଞ୍ଚଳ ବାହାରୁ ମଧ୍ୟ କୋଟି କୋଟି ଟଙ୍କା ର ବାଲି ଉଠାଉଛନ୍ତି, ଯାହାକୁ ପ୍ରଶାସନ ଜାଣି ବି ଅଣଦେଖା କରୁଛନ୍ତି। ଏଥିଲାଗି ବାଲି ଉତ୍ତୋଳନକାରୀ ଙ୍କ ପାଖରେ ଅନୁମତି ନାହିଁ। ପ୍ରକାଶ ଥାଉକି, ଗତ ୧୧ ଅକ୍ଟୋବର ୨୦୨୩ ମସିହାରେ ତହଁର,ଭେଟସିଙ୍ଗି ସେତୁ ନିକଟରୁ ନିଲାମ ହୋଇନଥିବା ବାଲି ଶଯ୍ୟାରୁ ବାଲି ମାଫିଆ ସଙ୍ଗଠିତ ଭାବେ ମହାଲୁଟ ଚଲାଇ କୋଟି କୋଟି ଟଙ୍କାର ବାଲି ପରିବହନ କରୁଥିବା ଅଭିଯୋଗ ହୋଇଥିଲା। ତାହା ହେଲେ ଏଠି କଥା ଉଠୁଛି ଯେ,ସନ୍ତୋଷପୁର ବାଲି ଶଯ୍ୟା ର ଣ ଫର୍ମରେ ତହଁର ଭେଟସିଙ୍ଗି ବାଲି ଶଯ୍ୟାରୁ କିଭଳି ବାଲି ଉଠୁଛି ତାହା ଆଇନ ସଙ୍ଗତ କି ? ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନ ଅଣଦେଖା କରୁଛି। ଆଗାମୀ ଦିନରେ ଏହି ବାଲି ଶଯ୍ୟାରୁ ଯଦି ବାଲି ଉତ୍ତୋଳନ ବନ୍ଦ ନହୁଏ ତା ହେଲେ ଯେକୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ସେଥିଲାଗି ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଭଳି ବାଲି ଚୋରା ଚାଲାଣ ନେଇ ଆମେ ମାଇନିଂ ଅଫିସର ଅକ୍ଷୟ ସାମଲ ଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ ଏବଂ ଅଭିଯୋଗ କୁ ଏଡାଇ ଦେଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।

# ମୁନିଗୁଡ଼ା ବ୍ଲକରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



**ମୁନିଗୁଡା,(ନି.ପ୍ର) :** ରାୟଗଡା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ କୁମୁଡାବାଲି ଗ୍ରାମ ପଞ୍ଚାୟତ ପଦ୍ମପୁର ଗ୍ରାମରେ ଏଫ. ପି.ଓ ମୁନିଗୁଡ଼ା କୃଷକ ଉତ୍ପାଦକ ସଂଗଠନ ର ଆନୁକୂଲ୍ୟରେ ଓ ଶ୍ରୀ ଅନ୍ନ ଅଭିଯାନ ଆତ୍ମା ରାୟଗଡ଼ାର ସୌଜନ୍ୟରେ ଆଜି ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଯାଇଅଛି । କୃଷି ବିଭାଗର ସହକାରୀ ମୁନିଗୁଡ଼ା ଚିତ୍ତରଞ୍ଜନ ଶତପଥୀ ଙ୍କ ସଭାପତିତ୍ୱରେ ଓ କୃଷି ବିଭାଗର ସହକାରୀ ବୈଷୟିକ ପରିଚାଳକ ଉତ୍ତମକୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଷମକଟକ ନିର୍ବାଚନ ମଣ୍ଡଳୀ ବିଧାୟକ ଶ୍ରୀଯୁକ୍ତ ନୀଳମାଧବ ହିକକା ସମ୍ମାନୀତ ଅତିଥି ଅଧକ୍ଷ ପଞ୍ଚାୟତ ସମିତି ମୁନିଗୁଡା ଶ୍ରୀମତୀ ଦୁଃଖିନୀ ନୁଖ୍‌ତରୁକା କୁମୁଡାବାଲି ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଶ୍ରୀଯୁକ୍ତ ଉଦବ ସିକକା ଗୋଷ୍ଠୀ କୃଷି ଅଧିକାରୀ ଶ୍ରୀଯୁକ୍ତ କାଳନ୍ଦୀ ପରିଡ଼ା ଏଫ ପି.ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଚନ୍ଦ୍ରଭାନୁ ମହାରଣା ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଚାଷୀମାନଙ୍କୁ ବୁଝାଇଥିଲେ। ପ୍ରଥମେ ମୁଖ୍ୟ ଅତିଥି ବିଷମକଟକ ବିଧାୟକ ନୀଳମାଧବ ହିକକା ଫିତା କାଟି ଏହି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରି ଏହି କାର୍ଯ୍ୟକ୍ରମର ମଙ୍ଗଳ ମନାସି ଥିଲେ ବିଶେଷ ଭାବରେ ଚଳିତ ବର୍ଷ ମୁନିଗୁଡ଼ା ବ୍ଲକରେ ୮ହଜାର କ୍ୱିଣ୍ଟାଲ୍ ମାଣ୍ଡିଆ ବିହନ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ୍ ପ୍ରତି ସରକାରଙ୍କ ନିର୍ଦ୍ଧାରିତ ୪୫୦୦/- ଟଙ୍କାରେ କିଣାଯିବା ବିଷୟରେ ଏଫ ପି.ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦର୍ଶାଇଥିଲେ। ପରିବର୍ତ୍ତୀ ସମୟରେ ମୁଖ୍ୟଅତିଥି ଶ୍ରୀଯୁକ୍ତ ନୀଳମାଧବ ହିକକା ନିଜକୁ ଜଣେ ପ୍ରଥମେ ଚାଷୀ ଭାବରେ ସମ୍ବୋଧନ କରିବା ସହ କୃଷି ବିଭାଗରେ ସମସ୍ତ ସରକାରୀ ଯୋଜନା ଅଧିକାରୀ ଙ୍କ ଦ୍ୱାରା ସଠିକ ଉପଯୋଗ ହେବାସହ କିଭଳି ଚାଷୀ ମାନଙ୍କ ନିକଟରେ ପହଞ୍ଚି ପାରିବ ଓ ଏହାର ପ୍ରକୃତ ଲାଭ ହିତାଧିକାରୀ ମାନେ କିପରି ପାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ ଏହି କାର୍ଯ୍ୟକ୍ରମରେ ମୁନିଗୁଡ଼ା ବ୍ଲକ ସଭାପତି ନୀଳାମ୍ବର ବିଭାର ମୁନିଗୁଡ଼ା ବ୍ଲକ ବିଧାୟକ ପ୍ରତିନିଧି ମାନସ ବେହେରା ଅନ୍ୟ ମାନଙ୍କ ମଧ୍ୟରେ କୃଷି ଅଧିଦର୍ଶକ ପ୍ରକାଶ ଚନ୍ଦ୍ର ବେହେରା ସୁବାଷ ପ୍ରାସ୍କା କା ହରେ କୃଷ୍ଣ ବେହେରା ଜଗନ୍ନାଥ ପିଡିକାକା ସହ ରାମଚନ୍ଦ୍ର ପିଡି କାକା ଅନନ୍ତ ପିଡିକାକା ଉପସ୍ଥିତ ରହି ଏହି କାର୍ଷ୍ୟକ୍ରମରେ ପୂର୍ଣ୍ଣ ସହ ଯୋଗ କରିଥିଲେ।

# ଝାଟିପଡାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, କପୁଣ୍ଡି ଚାମ୍ପିଅନ



**ପାଟଣା,(ନି.ପ୍ର) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଝାଟିପଡା ଠାରେ ବଜରଙ୍ଗି କ୍ଲବ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଟର ଉଦଯାପିତ ହୋଇଛି। ଏଥିରେ ୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ କପୁଣ୍ଡି ଏକାଦଶ ଓ ଗୁଲୁଦିପଶି ଏକାଦଶ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ଟସ୍ ଜିତି ଗୁଲୁଦିପଶି ଏକାଦଶ ନିର୍ଦ୍ଧାରିତ ୧୨ ଓଭରେ ୮୧ ରନ୍ ସଂଗ୍ରହ କରିଥିଲା। ବିପକ୍ଷ ଦଳ କପୁଣ୍ଡି ଏକାଦଶ ୮ ଓଭର ରେ ୮୪ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିବାବେଳେ ଆମ୍ପାୟାର ଭାବେ ବିନୟ କୁମାର ବାରିକ ଓ ବୈକୁଣ୍ଠ ବାରିକ ଖେଳ ପରିଚାଳନା କରିଥିଲେ ଓ ସ୍ୱାଭିମାନ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ବଡ ପାଟଣା ଗ୍ରାମ ପଞ୍ଚାୟତ ସରପଞ୍ଚ ବିନତି ବାନରା, ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, ସାମ୍ବାଦିକ ରଞ୍ଜନ ବାରିକ , ୱାର୍ଡ ମେମ୍ବର ଟୁଣ୍ଟୁ ନାଏକ, ସାମାଜିକ କର୍ମୀ ଶଙ୍ଖାଳି ବାରିକ ପ୍ରମୁଖ ଯୋଗ ଦେଇ ବିଜେତା ଦଳ ଓ ଉପ ବିଜେତା ଦଳ କୁ ପୁରସ୍କାର ପ୍ରଦାନ କରିଥିଲେ। ବଜରଙ୍ଗି କ୍ଲବ ର ପିନୁ ବାରିକ, ସୁରେନ୍ଦ୍ର ବାରିକ, ରଜତ ବାରିକ, କମଳ ଲୋଚନ ବାରିକ, ଲୋକେଶ ଦେହୁରୀ, ଡମ୍ବରୁଧର ବାରିକ, ଶତ୍ରୁଘ୍ନ ମହାରଣା, ଦିନେଶ ସେଠୀ, କ୍ଷୀରୋଦ ବାରିକ, ଚିନୁ ବାରିକ, ରଜତ ରାଉତ, ସୁଶାନ୍ତ ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଆଜିର ମହଙ୍ଗା ଯୁଗରେ ବି ଏକ ଏକ ଟଙ୍କାରେ ମିଳୁଛି ମନକୁ ସତେଜ କଲାଭଳି ଚା

**ଶେରଗଡ,(ନି.ପ୍ର) :** କଥାଟି ଅଜବ ଲାଗିଲେ ବି ଘଟଣା ଟି ସତ୍ୟ। ଆଉ ପୁଣି ମନକୁ ସତେଜ କଲା ଭଳି ଚା। ଏଠାରେ ଚା ପିଇବା ଲାଗି ରାତ୍ରି ୪ ଘ ଠାରୁ ଆରମ୍ଭ କରି ରାତି ୭ ଘ ପର୍ଯ୍ୟନ୍ତ ଏଠାରେ ଭିଡ ଲାଗୁଥିବା ଦେଖିବାକୁ ମିଳୁଛି। ଏଇ କଥା ଆମେ କହୁ ନାହୁଁ, ସ୍ଥାନୀୟ ବାସିନ୍ଦା ଙ୍କ ମୁହଁରୁ ପ୍ରକାଶ। ଆଜିର ମହଙ୍ଗା ଯୁଗରେ ପାନ ହେଉ ଅବା ମିଠେଇ ଟିଏ ଖାଇଲେ ଯାହାର ଦାମ ପାଞ୍ଚ ଟଙ୍କା ରୁ ଉର୍ଦ୍ଧ୍ୱ। ସେଠାରେ ଏକ ଟଙ୍କା ରେ ମନକୁ ସତେଜ କଲା ଭଳି ଚାହା ମିଳୁଛି ଶେରଗଡ ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ପିଉଳ ଛକଠାରେ। ନରେନ୍ଦ୍ରପୁର ଗ୍ରାମର ଅଭିମନ୍ୟୁ ପୋଲାଇ ୧୯୮୫ ମସିହାରେ ରାସ୍ତା କଡରେ ଫୁଟପାଥରେ ଏକ ଚା ଦୋକାନ ଆରମ୍ଭ କରିଥିଲେ। ସେହି ସମୟରେ ଅଭିମନ୍ୟୁ ଲୋକଙ୍କୁ ୦୧ ଟଙ୍କା ରେ ମନକୁ ସତେଜ କଲା ଭଳି ଚା ଯୋଗାଇ ସମସ୍ତ ଙ୍କ ମନକୁ ଜିଣିପାରିବା ସହିତ ନିଜର ପରିବାର ର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। କାଳକ୍ରମେ ଏହି ଚା ଦୋକାନରେ ଭଲ ବ୍ୟବସାୟ ହେବା ସହିତ ବଡ଼ ଜଳଖିଆ ଦୋକାନରେ ପରିଣତ ହୋଇ ବ୍ୟବସାୟ ବଢିବାରେ ଲାଗିଲା,ତଥାପି ଚା ସେଇ ୦୧ ଟଙ୍କା ରେ ଲୋକ ଙ୍କୁ ଚା ପ୍ରଦାନ କରୁଥିଲେ ଅଭିମନ୍ୟୁ। ଆଜକୁ ୧୬ ବର୍ଷ ହେବ ଅଭିମନ୍ୟୁ ଙ୍କ ମୃତ୍ୟୁ ଘଟି ସାରିଥିବା ବେଳେ ତାଙ୍କର୦୩ ପୁତ୍ର ସୁଧାକର, ରାଜେନ୍ଦ୍ର ଓ ଗୁରୁନାଥ ବାପାଙ୍କର ହୋଟେଲ କୁ ଆଗକୁ ନେଇ ଏଇ ଅଞ୍ଚଳରେ ପୋଲାଇ ହୋଟେଲ ନାମରେ ବେଶ ସୁନାମ ଅର୍ଜନ କରି ଚାଲିଛନ୍ତି। ଇତି ମଧ୍ୟରେ ୪୦ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବାପା ଆରମ୍ଭ କରିଥିବା ୦୧ ଟଙ୍କିଆ ଚା କୁ ଆଜିବି ତାଙ୍କର ପୁଅମାନେ ଲୋକ ଙ୍କୁ ଯୋଗାଇ ନିଜର ପିତାଙ୍କ ପଦ ଅନୁସରଣ କରି ଆତ୍ମସନ୍ତୋଷ ଲାଭ କରୁଥିବା କହନ୍ତି ତାଙ୍କର ତିନି ପୁତ୍ର। ଆଜି ବି ଏଠାରେ ଚା ପିଇବା ଲାଗି ଲୋକଙ୍କ ର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ ଜମି ରହୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଚା ସହିତ ଏଠାରେ ଜଳଖିଆ ଓ ମିଲସ ମିଳୁଥିବା ବେଳେ ୦୧ ଟଙ୍କିଆ ଚା ହେଉଛି ପରିଚୟ। ବାପା ଆରମ୍ଭ କରିଥିବା ୦୧ ଟଙ୍କିଆ ଚା କୁ ହୋଟେଲ ଥିବା ପର୍ଯ୍ୟନ୍ତ ୦୧ ଟଙ୍କା ରେ ପ୍ରଦାନ କରିବା ଲାଗି ତାଙ୍କର ଜ୍ୟେଷ୍ଠ ପୁତ୍ର ସୁଧାକର ପ୍ରକାଶ କରିଛନ୍ତି।

# ରାଷ୍ଟ୍ରପତିଙ୍କ ପ୍ରତି ବିବାଦୀୟ ମନ୍ତବ୍ୟକୁ ନେଇ ନୂଆପଡା ଜିଲ୍ଲା ବିଜେପିର ବିକ୍ଷୋଭ ପ୍ରଦର୍ଶନ




**ନୂଆପଡା,(ନି.ପ୍ର) :** ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ଜଣେ ଓଡିଆ ଆଦିବାସୀ ମହିଳା ହୋଇଥିବା ବେଳେ ସୋନିଆ ଗାନ୍ଧୀଙ୍କ ମହାମହିମ ରାଷ୍ଟ୍ରପତିଙ୍କ ପ୍ରତି ବିବାଦୀୟ ମନ୍ତବ୍ୟକୁ ନେଇଆଜି ନୂଆପଡା ବିଜେପି ଜିଲ୍ଲା ସଭାପତି କମଳେସ ଦିକ୍ଷୀତଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ଶତାଧିକ କର୍ମି ଉପସ୍ଥିତ ରହି ସୋନିଆ ଗାନ୍ଧୀଙ୍କ ବିବାନିୟ ମନ୍ତବ୍ୟକୁ ତିବ୍ର ବିରୋଧ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ଅନ୍ୟମାନଙ୍କ ମଧ୍ୟରେ ସରୋଜ ସାହୁ, ସୁସାନ୍ତ ପତି, ତୁଳସ ପଟେଲ, ମୁନ୍ନା ମହାପାତ୍ର, ସଦାନନ୍ଦ ଯୋଶୀ, ବିଜୟ ଚନ୍ଦ୍ରପାର, ସନ୍ତୋଷ ସାହୁ,କହ୍ନେଇଆ ସାହୁ, ନିର୍ମଳ ଅହିର,ବିକାଶ ଅଗ୍ରୱାଲ, ସୁନିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଡ଼ିଓ ହେବ ଏମିତି

**ନୂଆପଡ଼ା,(ନି.ପ୍ର) :** ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗମ୍ଭାରୀ ଗୁଡା ଗାଁ ର ବଳଭଦ୍ର ବାଗ (୮୦)ନିଜ ଚାଷ ଜମି କୁ ଯାଇଥିଲେ ଜମିରୁ ଫିରିବା ସମୟ ରେ ହଟାତ ତାଙ୍କ ମୁଣ୍ଡ ବ୍ୟଥା ହେବାରୁ ରାସ୍ତା କଡ଼ ରେ ତଳି ପଡ଼ିଚେତା ଶୂନ୍ୟ ଅବସ୍ଥା ପଡ଼ିଥିଲେ। ସେହି ସମୟ ରେ ସ୍ଥାନୀୟ ସିନାପାଲି ବିଡ଼ିଓ କର୍ମୀ ଓରାମ ସେହି ରାସ୍ତା ଦେଇ ଯାଉ ଥିଲେ। ବୃଦ୍ଧା ଜଣଙ୍କୁ ଦେଖି ବିଡ଼ିଓ କର୍ମି ଓରାମ ନିଜଗାଡ଼ିରେ ବସାଇ ସିନାପାଲି ହସ୍ପିଟାଲକୁ ନେଇ ଆଡମିଟ କରି ତାଙ୍କ ସ୍ୟାସ୍ଥ ବ୍ୟବସ୍ଥା ବୁଝିଥିଲେ। ବର୍ତ୍ତମାନ ବୃଦ୍ଧା ଜଣକଙ୍କ ସ୍ୟାସ୍ଥ ବସ୍ତା ଭଲ ରହି ଥିବା ଡାକ୍ତର କହିଛନ୍ତି। ଏହି ପରି ମହତ କାର୍ଯ୍ୟ ଦେଖିସିନାପାଲି ଅଞ୍ଚଳରେ ସିନାପାଲି ବିଡ଼ିଓ କୁ ପ୍ରଶଂସା ର ପାତ୍ର ପାଲଟିଛନ୍ତି ବିଡ଼ିଓ ହେବ ତୋ ଏମିତି।



# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ୍ୟୁ



**ପାତ୍ରପୁର,(ନି.ପ୍ର) :** ଜରଡ଼ା ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମରେ ଏକ ମହିଳାଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଜଣାପଡିଛି । ସୂଚନା ଅନୁଯାୟୀ ପାତ୍ରପୁର ତହସିଲ ସାମନ୍ତରାପୁର ଗ୍ରାମର ଗୋବିନ୍ଦ ଗୌଡ଼ ଙ୍କ ସ୍ତ୍ରୀ ସୂର୍ଯ୍ୟକାନ୍ତି ଗୌଡ ଙ୍କ ଶୁକ୍ରବାର ଦିନ ଅପରାହ୍ନ ପ୍ରାୟ ୪ ଘଣ୍ଟା ସମୟରେ ତାଙ୍କ ଘରେ ଥିବା ମୋଟର ଲଗାଇବା ବେଳେ ବିଦ୍ୟୁତ୍ ଆଘାତର ଶିକାର ହୋଇ ଅଚେତ୍ ହୋଇଥିଲେ । ଘଟଣାସ୍ଥଳରେ ସାମନ୍ତରାପୁର ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ପହଞ୍ଚି ଅଚେତ୍ ଅବସ୍ଥାରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସ୍ଥଳରେ ଜରଡ଼ା ଥାନା ପୋଲିସ୍ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ଶବ କୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିବା ଜଣାପଡିଛି ।

# ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ଚୟନ




**ମାଲାକାନଗିରି,(ନି.ପ୍ର) :** ଉତ୍କଳ ସାମ୍ବାଦିକ ସଂଘର ମାଲାକାନଗିରି ଜିଲ୍ଲା ଶାଖା ପକ୍ଷରୁ କର୍ମକର୍ତ୍ତା ପ୍ରକ୍ରିୟା ଶେଷ ହୋଇଛି। ଏଥିପାଇଁ ଆଜି ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇ ବିଭିନ୍ନ ପଦପଦବୀ ପାଇଁ ଚୟନ ପ୍ରକ୍ରିୟା ଶେଷ ହୋଇଛି। ଏହି ଚୟନ ପ୍ରକ୍ରିୟାରେ ସର୍ବସମ୍ମତି କ୍ରମେ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଭାବେ ଅଶୋକ କୁମାର ମିଶ୍ର, ଜିଲ୍ଲା ସମ୍ପାଦକ ଭାବେ ବି ଶ୍ରୀନିବାସ ପାତ୍ର, ଜିଲ୍ଲା କର୍ଯ୍ୟକାରୀ ସଭାପତି ଭାବେ ନିରଞ୍ଜନ ମଲ୍ଲ, ଜିଲ୍ଲା ଉପସଭାପତି ଭାବେ ପ୍ରଶାନ୍ତ କୁମାର ସାହୁ, କୋଷାଧକ୍ଷ ଭାବେ ହୃଷୀକେଶ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଶିବଦତ୍ତ ସାହୁ ଓ ନୃସିଂହ ଚରଣ ମହାନ୍ତିଙ୍କୁ କ୍ରମେ ଚୟନ କରାଯାଇଛି । ଏହି ଅବସରରେ ଜିଲ୍ଲାର ପ୍ରତ୍ୟକ ବ୍ଲକ ଓ ଏନଏସି ରେ ସଂଘକୁ ସୂଚାରୁ ରୂପେ ପରିଚାଳନା ନିମନ୍ତେ ପ୍ରତ୍ୟକ ବ୍ଲକରେ ବରିଷ୍ଠ କର୍ମକର୍ତ୍ତାଙ୍କୁ ଜଣେ ଜଣେ ଚୟନ କରାଯାଇଛି। ଆଗାମୀ ଦିନରେ ଜିଲ୍ଲାର ସାମ୍ବାଦିକଙ୍କ ସୁରକ୍ଷା, ସଂଘର ବିକାଶ ଓ ସହଯୋଗୀ ମନଭାବ ରଖି କାର୍ଯ୍ୟ କରିବାକୁ ନୂତନ ଭାବେ ଚୟନ ହୋଇଥିବା କର୍ମକର୍ତ୍ତା ମାନେ ମତ ପ୍ରକାଶ କରିଛନ୍ତି। ଚୟନ ପ୍ରକିୟା ପରେ ମାଲାକାନଗିରି ମୁଖ୍ୟ ବଜାରରେ ଚୟନ ହୋଇଥିବା ନୂତନ କର୍ମକର୍ତ୍ତା ମାନେ ବାଣ, ବାଜା ଯୋଗେ ଏକ ରାଲି କରିଥିଲେ। ଅନ୍ୟପଟେ ଉତ୍କଳ ସାମ୍ବାଦିକ ସଂଘର ନୂତନ ଭାବେ ଚୟନ ହୋଇଥିବା କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ୧୪ରୁ ୮ମ ସତ୍ୟବାଦୀ ମହୋତ୍ସବ



**ପୁରୀ,(ନି.ପ୍ର) :** ଫେବୃୟାରୀ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପଞ୍ଚସଖା ପଡିଆ ଠାରେ ଅନୁଷ୍ଠିତ ହେବ ୮ମ ସତ୍ୟବାଦୀ ମହୋତ୍ସବ।ଏହି ୩ ଦିନିଆ ମହୋତ୍ସବ କୁ ଆକର୍ଷଣୀୟ ତଥା ଶୃଙ୍ଖଳାର ସହ ଆୟୋଜନ ପାଇଁ ଏକ ବୈଠକ ଆଜି ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଯୋଗ ଦେଇ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ମହୋତ୍ସବ ଏକ ଆନନ୍ଦ ଓ ଉଲ୍ଲାସର ପର୍ବ ସହ ଭାଇଚାରା ଓ ସଦଭାବନା ସୃଷ୍ଟି କରିବାରେ ସହାୟକ ହେଉ ଥିବାରୁ ଏହାକୁ ଶାନ୍ତି ଶୃଙ୍ଖଳା ର ସହ ଆୟୋଜନ ଆମ ସମସ୍ତ ଙ୍କ ଦାୟିତ୍ୱ ବୋଲି କହିଥିଲେ।ବିଗତ ୭ ବର୍ଷ ଧରି ଏହା ଆୟୋଜିତ ହୋଇ ଆସୁଛି।ଚଳିତ ବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ସହ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ନିକଟରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ମାଧ୍ୟମରେ ଜ୍ୟୋତି ଯାତ୍ରା ଅନୁଷ୍ଠିତ ହେବ।ଏଥିରେ ସମସ୍ତେ ଯୋଗ ଦାନ ପାଇଁ ସେ ଅନୁରୋଧ କରିଥିଲେ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧକ୍ଷତା କରିବା ସହ ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟ ରଖି ସତ୍ୟବାଦୀ ମହୋତ୍ସବ କୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ।ମଞ୍ଚ ପ୍ରସ୍ତୁତି, ଉତ୍ସବ ପଡିଆ ସାଜ ସଜ୍ଜା, ମେଳା ଆୟୋଜନ, ରାସ୍ତା ମରାମତି, ବିଦ୍ୟୁତ ଯୋଗାଣ, ଅଗ୍ନିଶମ ବ୍ୟବସ୍ଥା, ପ୍ରଚାର ପ୍ରସାର, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା।ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଜାନକୀ ବଲ୍ଲଭ ବରାଳ ଅନୁଷ୍ଠାନର ପୂର୍ବତନ ସମ୍ପାଦକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।ଏହି ବୈଠକରେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନିଲ କୁମାର ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡ଼ିଓ ଦେବାଶିଷ ନାୟକ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସତ୍ୟବାଦୀ ମହୋତ୍ସବ କମିଟି କର୍ମକର୍ତ୍ତା ଭବାନୀ ଶଙ୍କର ନନ୍ଦ, ପ୍ରିୟରଞ୍ଜନ, ଦୀପକ ଶତପଥୀ, ବଦ୍ରିନାରାୟଣ ଖଟୋଇ, ଦିଲ୍ଲୀପ କୁମାର ମହାନ୍ତି,ରଞ୍ଜନ କୁମାର ବରାଳ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିବା ସହ ବିଭିନ୍ନ ମତାମତ ପ୍ରଦାନ କରିଥିଲେ।

# ସାହାଯ୍ୟରେ ହାତ ବଢ଼େଇବାକୁ ଅନୁରୋଧ କରିଛନ୍ତି ନିବେଦିତା



**ଗଞ୍ଜାମ,(ନି.ପ୍ର) :** ଜିଲ୍ଲା ଖାରିଆଗୁଡା ପଞ୍ଚାୟତ ଅନ୍ତର୍ଗତ ତାଳପଡ଼ା ଗ୍ରାମର ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାଡ଼ତ୍ୟାଙ୍କ ଧର୍ମ ପତ୍ନୀ ଶ୍ରୀମତୀ ନିବେଦିତା ବାଡ଼ତ୍ୟା ଗତ ୨୦୧୫ ମସିହା ଠାରୁ ରକ୍ତ କର୍କଟ ରୋଗରେ ପୀଡିତ ଅଛନ୍ତି । ସେତେବେଳେ ଚିକିତ୍ସା ବାବଦକୁ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ବହୁ ଅର୍ଥ ବ୍ୟୟ କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ଲାଭ ହୋଇ ପାରିନାହାନ୍ତି ନିବେଦିତା । ବର୍ତ୍ତମାନ ସେ ଟାଟା ମେମୋରିଆଲ ହସ୍ପିଟାଲ ମୁମ୍ବାଇ ଠାରେ କେସ୍ ନମ୍ବର ସିଏମ୍/ ୩୩୧୦୦ ରେ ହେମାଟୋଲୋଜି ବିଭାଗରେ ଚିକିତ୍ସାଧୀନ ଅଛନ୍ତି । ବର୍ତ୍ତମାନ ଡାକ୍ତର କାର୍-ଟି ସେଲ୍ ଥେରାପି ପାଇଁ ପରାମର୍ଶ ଦେଉଛନ୍ତି ଏବଂ ଏଥିପାଇଁ ପ୍ରାୟ ଅଠତିରିଶି ରୁ ଚାଳିଶ ଲକ୍ଷ ଖର୍ଚ୍ଚ ହେବ । ଛଅ ମାସ ମଧ୍ୟରେ ଚିକିତ୍ସା କରି ପାରିଲେ ତେବେ ଯାଇ ନିବେଦିତାଙ୍କ ବଞ୍ଚିବା ସମ୍ଭାବନା ରହିଅଛି । ଏସବୁ ଏତେ କମ ସମୟ ମଧ୍ୟରେ ଏତେ ଟଙ୍କା ପୂର୍ଣ୍ଣଚନ୍ଦ୍ରଙ୍କ ପକ୍ଷେ ସମ୍ଭବପର ନୁହେଁ, ତେଣୁ ପୂର୍ଣ୍ଣଚନ୍ଦ୍ର ଗଣମାଧ୍ୟମ ଆଉ ଖବର କାଗଜ ଜରିଆରେ ସରକାର ଏବଂ ଜନ ସାଧାରଣଙ୍କ ଠାରେ ସାହାର୍ଯ୍ୟ ପାଇଁ ନିବେଦନ କରିବା ସହ ନିଜ ସ୍ତ୍ରୀଙ୍କ ଜୀବନ ଭିକ୍ଷା ମାଗୁଛନ୍ତି । ଆପଣ ମାନେ ମଧ୍ୟ କିଛି ଅର୍ଥ ଦାନ କରି ଗୋଟେ ଜୀବନକୁ ବଞ୍ଚାଇବା ପାଇଁ ଗୋଟିଏ ପାଦ ଆଗକୁ ବଢ଼ାନ୍ତୁ । ସହଯୋଗ ପାଇଁ ବ୍ୟାଙ୍କ ଖାତା ନମ୍ବର ଆଉ ଫୋନ ନମ୍ବର 34548149037 (IFSC - SBIN0017977) ଗୁଗୁଲ ପେ - ୯୭୭୭୪୬୮୯୮୨

# ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଲେ ଅଭିଭାବକ ଓ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର

**ମାଲକାନଗିରି,(ନି.ପ୍ର) :** ମାଥିଲି ବ୍ଲକ ସଦର ମୋହକୁମାର ନିକଟସ୍ଥ ଓଡିଶା ଆଦର୍ଶ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଲୋପାମୁଦ୍ରା ମାହାରଥୀଙ୍କ ଦୁର୍ବ୍ୟବହାର ଅବିଭାବକ ଅର୍ଜୁନ ପୂଜାରୀ ଙ୍କୁ । ଏବଂ ଉକ୍ତ ଆଦର୍ଶ ବିଦ୍ୟାଳୟ ରେ ଅର୍ଜୁନ ଙ୍କ ଝିଅ ପାଠ ପଢୁ ଥିବା ସମୟରେ ଆଦର୍ଶ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଲପାମୁଦ୍ରା ମହାରଥୀ ଛାତ୍ରୀଙ୍କୁ ପାଠ ପଚାରୀଲେ ପାଠ କହି ନୋ ପାରିଲେ ଛାତ୍ରୀଙ୍କୁ କୁହନ୍ତି ତମ ବାପା ମାଂ ଙ୍କୁ ନେଇ ଆସ ପାଠ ପଡିବେ ବୋଲି ପ୍ରାୟ ଛାତ୍ରୀ ଙ୍କ ଠାରୁ ଅଭିଯୋଗ ହେଉଛି । ତେଣୁ ଏହି ପରି ବାରମ୍ବାର ଆକ୍ଷେପ କରି ଆଦିବାସୀ ଗୁଡାକ କଣ ଜାଣିପାରିବ ବୋଲି ଛାତ୍ରୀ ଙ୍କୁ ବାରମ୍ବାର କହିବା ସତେ । ଝିଅ ଙ୍କ ବାପା ଅର୍ଜୁନ ପୂଜାରୀ ଝିଅ ଙ୍କ ସାର୍ଟିଫିକେଟ ଉଠେଇ ନେଇ ଅନ୍ୟତ୍ର ଜୋଇନିଙ୍ଗ କଲେ । ଏବଂସୂଚନା ଏହି ଛାତ୍ରୀ ଜଣ ଙ୍କ ସହ ଆଉ ୬ ରୁ ୭ ଜଣ ଙ୍କ ଅନ୍ୟତ୍ର ଜୋଇନିଙ୍ଗ କଲେ । ଏବଂ ଆଜକୁ ୭ ମାସ ହବ ସାର୍ଟିଫିକେଟ ଉଠାଇ ଆଜି ପର୍ଯ୍ୟନ୍ତ ଝିଅ ଙ୍କ ନାମ ନାମ ଲେଖା ଖାତାରୁ ଏବଂ ଅନଲାଇନ ରେ କଟା ଯାଇ ନଥିଲା। ତେଣୁ ଏହି ବିଦ୍ୟାଳୟ କୁ ଦୌଡ଼ି ଦୌଡ଼ି ୬ ମାସ ରୁ ୭ ମାସ ହେଉଥିଲେ ମଧ ସମସ୍ୟା ର ସମାଧାନ ହେଇ ନଥିଲା । ତେଣୁ ଆଜି ଅବିଭାବକ ଅର୍ଜୁନ ପୂଜାରୀ ଆଦର୍ଶ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ସାକ୍ଷାତ କରିବା ରୁ । ସେ ଶିକ୍ଷୟିତ୍ରୀ ଲପାମୁଦ୍ରା ମହାରଥୀ




ସିଧା ସିଧା ଅସିଳ ଭାଷାରେ ଆଦିବାସୀ ଗୁଡାକ ତମେ କିଛି ଜାଣିନ । ଗେଟ୍ ଆଉଟ ନାଂସେନ୍ସ ତର କିଛି ହବନି ଯା ପଳା ତୁ କିଛି କରିପାରିବୁନି ବୋଲି ମାନ୍ ସଂମ୍ମାନ ହାନୀ ହେଲା ଭଳି କହି ବେହିଜତ କଲେ। ଏବଂ ମୋର ଝିଅ କୁ ବାରମ୍ବାର ମାନଶିକ ଚିନ୍ତା ଦେଉଥିବାରୁ । ପାଠ ପଡିବାରେ ଆଘାତ ହେଉଥିବାର ସମ୍ଭାବନା ରହିଛି । ଏବଂ ମତେ ଗେଟ ବାହାର କରି ଦେଲେ, ତେଣୁ ସାମ୍ବାଦିକ ଙ୍କ ସାହାରା ନେଲି ଓ ତାଙ୍କୁ ମୋର ଦୁଃଖ ଗୁହାରି ଯାହା ସତ୍ୟ ଘଟଣା ଉପରେ ଜଣେଇଥିବାର କହିଛନ୍ତି ଅବିଭାବକ ଅର୍ଜୁନ ପୂଜାରୀ । ଏହି ଖବର ପାଇଁ ୨ ସାମ୍ବାଦିକ ଆଦର୍ଶ ବିଦ୍ୟାଳୟ ରେ ଯାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭିତରେ ଯିବାର ଅନୁମତି ମାଗି ପ୍ରବେଶ କରିଥିଲେ । ତେଣୁ ୨ ସାମ୍ବାଦିକ ପଚାରିଥିଲେ ଯେ ଲପାମୁଦ୍ରା ମହାରଥୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ, ଅଭିଯୋଗ ହେଉଛି ଆପଣ ଛାତ୍ରୀଙ୍କ ନାମ କୁ ନାମ ଲେଖା ଖାତାରୁ ଏବଂ ୟୁ ଡ଼ାଇସ ରୁ କାଟି ନାହାନ୍ତି, ସେ ଛାତ୍ରୀ ଅସୁବିଧା ହେଉଛି ପରୀକ୍ଷା ଦେବାରେ ବୋଲି କହିବାରୁ । ସିଧା ସିଧା ଆପଣ ମାନେ କିଏ ଓ କାର୍ଡ ଦେଖାନ୍ତୁ କହିବାରୁ କାର୍ଡ ଦେଖାଇଲେ ମଧ । ଗେଟ ଆଉ ବୋଲି କହି ତମେ ମୋର କିଛି କରିପାରିବ ନାହିଁ, ଜଲ୍ଦି ବାହାରକୁ ଯାଅ ବୋଲି ତାଙ୍କ ସହଯୋଗୀ ଶିକ୍ଷକଙ୍କୁ କହି ବାହାରକୁ ତଡି ଦେଇଥିଲେ। ତେଣୁ ଅମ୍ଭେ ଜିଲ୍ଲା ପାଳଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ ଫୋନ ଉଠାଇ ନଥିଲେ । ତେଣୁ ଉପ ଜିଲ୍ଲା ପାଳ ଙ୍କୁ ଫୋନ ରେ ଯୋଗାଯୋଗ କରିଥିବାରୁ ଫୋନ ଉଠାଇ ଥିଲେ । ତେଣୁ ଆମ୍ଭେ ଏହି ସମ୍ପର୍କ ରେ ଜଣେଇଥିଲୁ । ଏବଂ ଉପ ଜିଲ୍ଲା ପାଳ କହିଥିଲେ ଯେ ମୁଁ ଏହାର ତଦନ୍ତ ପରେ ନ୍ୟାୟ ଗତ କାର୍ଯ୍ୟାନୁଷ୍ଠାନ ନେବି କହିଥିଲେ । ତତ୍ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ସାକ୍ଷାତ କରିବାରୁ ମୁଁ ଏହାର ତଦନ୍ତ ପରେ ଉଚିତ କାର୍ଯ୍ୟନୁଷ୍ଠାନ ନେବି ବୋଲି ସମୟ ୪ ଘଣ୍ଟି କା ପର୍ଯ୍ୟନ୍ତ ମାଗିଥିଲେ । ଆଉ ବର୍ତମାନ ପର୍ଯ୍ୟନ୍ତ ଏହାର କିଛି ସମସ୍ୟା ର ସମାଧାନ ହେଇନାହିଁ କିମ୍ବା କୌଣସି ଆଇନ ଗତ କାର୍ଯ୍ୟନୁଷ୍ଠାନ ନିହା ଯାଇ ନାହିଁ । ତେଣୁ ଜଣେ ନିରୀହ ଅବିଭାବକ ଆଦିବାସୀ ଅଧୁଷିତ ଅଂଚଳ ହେଲେ କଣ ସଂମ୍ମାନର ସହ ବଂଚିବାର ଏବଂ ନ୍ୟାୟ ପାଇବାର ଅଧିକାର ନାହିଁ କି ? । ଯଦି ଏହି ଅବିଭାବକ ଙ୍କ ଉପରେ ଆଜକୁ ୬ ରୁ ୭ ମାସ ବିତି ଆସୁଛି ଘୁର ସମସ୍ୟା, ତେଣୁ ଆଉ ଆଗକୁ ଅନ୍ୟ ଅବିଭାବକଙ୍କ ଉପରେ ଏହି ପରି ମାନସିକ ଚିନ୍ତାରେ ଛାତ୍ରଛାତ୍ରୀ ଙ୍କୁ ଶିକ୍ଷା ପ୍ରତି ବାଧା ପ୍ରାପ୍ତ ହେବାକୁ ବହୁ ଆଶଙ୍କା ରହିଥିବାର ନଜିର ରହିଛି। ଯାହା ଦ୍ୱାରା ଏହି ପରି ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ତେଣୁ ଏହି ସମସ୍ୟା ଉପରେ ସରକାର ଙ୍କ କଣ ପଦକ୍ଷେପ ନେଉଛନ୍ତି ତାକୁ ନେଇ ମାଥିଲି ଅଂଚଳ ବାସି ଅପେକ୍ଷା ।

## ବେଆଇନ ପକ୍ଷୀ ଶିକାର ମାମଲାରେ ଦୁଇଭାଇ ଗିରଫ, ବନ୍ଧୁକ ଓ ବାଇକ ଜବତ

**ନୂଆପଡା,(ନି.ପ୍ର) :** ନୂଆପଡ଼ା ଜିଲ୍ଲା ସିନାପାଲି ରେଞ୍ଜ ଅନ୍ତର୍ଗତ ଲିଆଡ଼ ଅଞ୍ଚଳରୁ ବେଆଇନ ପକ୍ଷୀ ଶିକାର କରିବା ମାମଲାରେ ଦୁଇଭାଇଙ୍କୁ ବନବିଭାଗ ଗିରଫ କରିବା ସହ ଏକ ବନ୍ଧୁକ ଓ ବାଇକ ଜବତ କରାଯାଇଥିବା ସୂଚନା ମିଳିଛି। ଗିରଫ ଭାଇ ଦ୍ୱୟ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଉଦେଷ୍ଟୁରୁଙ୍ଗ ଗ୍ରାମର ସ୍ୱର୍ଗତ ସଦାଶିବ ଅଘରିଆଙ୍କ ପୁଅ ଅରକ୍ଷିତ ଅଘରିଆ (୪୨) ଓ ଅଶ୍ୱିନ ଅଘରିଆ (୨୮) ବୋଲି ଜଣାପଡିଛି। ବନ୍ୟଜନ୍ତୁ ଆଇନ ୧୯୭୨ ସେକ୍ସନ ୫୧ ଅନୁସାରେ କେଶ ନଂ ୩୬୧ / ୨୪-୨୫ ରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପ୍ରାପ୍ତ ଖବର ଅନୁସାରେ ଚଉରା 'ଏ' ପିଆରଏଫ ନିକଟ ଲିଆଡ଼ ସେକ୍ସନ ଅନ୍ତର୍ଗତ ଏମଆଇପି ପ୍ରୋଜେକ୍ଟ ନିକଟରେ ଉକ୍ତ ଶିକାରୀ ଭାଇ ଦ୍ୱୟ ଶିକାର କରୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରି କାବୁ କରାଯାଇଥିଲା। ତାଙ୍କ ପାଖରୁ ତିନି ମୃତ ପଣକା ପକ୍ଷୀ , ଗୋଟିଏ ଏଆର ଗନ ଓ ଏକ ହିରୋ ଗ୍ଲାମର ବାଇକ ଜବତ କରାଯାଇଥିଲା। ଏହି ଚଢ଼ାଉରେ ଖଡ଼ିଆଳ ବନଖଣ୍ଡ ଏସିଏଫ ପ୍ରସଂଜୀତ ନାୟକ,ସିନାପାଲି ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡି, ଫରେଷ୍ଟର ମେଘନାଦ ମାଝୀ, କନ୍ଦର୍ପ ସୁନାନୀ, ଫରେଷ୍ଟଗାର୍ଡ ସଂଗ୍ରାମ ସିଂ ପ୍ରଧାନ,ମନୋଜ କୁମାର ବାଗ, କାହ୍ନୁରାମ ନାୟକ ପ୍ରମୁଖ ଙ୍କ ସମେତ ବିଭାଗୀୟ ଅଧିକାରୀ କର୍ମଚାରୀ ସାମିଲ ଥିଲେ।



## ବାତଜ୍ୱର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ



**ଦଶପଲ୍ଲା,(ନି.ପ୍ର) :** ଶନିବାର ଦିନ ନୟାଗଡ଼ ଜିଲ୍ଲା ପକ୍ଷରୁ ବାତଜ୍ୱର ଏବଂ କୁଷ୍ଠ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଦଶପଲ୍ଲା ଅଞ୍ଚଳରେ ଥିବା ପ୍ରାୟ ୨୦ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଡିଏମ୍‌ଓ ଡ଼ା. ବନମାଳି ପ୍ରଧାନ, ଦଶପଲ୍ଲା ଡାକ୍ତର ଖାନା ଇନ୍ ଚାର୍ଜ ଡା.ସନ୍ଦୀପ୍ ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର କବି, ମଧୁସ୍ମୀତା ସାହୁ,ଆନନ୍ଦ କୁମାର ପଟେଲ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଏବିଷୟରେ ଅବଗତ କରାଇବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିଭଳି କୃଷ୍ଣ ପ୍ରୀୟା ଦେବୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ମାନଙ୍କୁ ନେଇ କଲେଜ ପରିସର ରେ ମଧ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଅଧକ୍ଷା ଡ଼ଃ ପୂର୍ଣ୍ଣିମାସୀ ଦେବୀ,, ଯୁକ୍ତ ୩ କଲେଜ୍ ଅଧକ୍ଷା ଦୁର୍ଗାବତୀ ଆଚାର୍ଯ୍ୟ ଏବଂ ଛାତ୍ରୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ମଧଖଣ୍ଡ ସିଏଚ୍ ସି ସୁପର ଭାଇଜର ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ରାଷ୍ଟ୍ରପତିଙ୍କୁ ଅପମାନରେ ବିଜେପିର ପ୍ରତିବାଦ

**ବାରିପଦା,(ନି.ପ୍ର) :** ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ ଅପମାନଜନକ ଶବ୍ଦ ବ୍ୟବହାର କରିଥିବାର ପ୍ରତିବାଦରେ ବିଜେପି ବାରିପଦା ସହର ଶାଖା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଟ୍ରାଫିକ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଦଳର କର୍ମୀମାନେ କଂଗ୍ରେସ ଓ ସୋନିଆଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ସୋନିଆଙ୍କ କୁଶ ପୁତ୍ତଳିକା ଦାହ ମଧ କରିଥିଲେ। ବିଜେପି ବାରିପଦା ମଣ୍ଡଳ ସଭାପତି ସୁବ୍ରତ ମୁଖୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମିଡ଼ିଆ ସେଲ ପେନାଲିଷ୍ଟ କବିବିଷ୍ଣୁ ଶତପଥି , ଜିଲ୍ଲା ଉପ ସଭାପତି ଶୋବାବତୀ ଓତା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ ପାତ୍ର, କୁମାର ମଙ୍ଗଳମ, ପାୟଲ ରାୟ, ରସିକାନନ୍ଦ ମିଶ୍ର, ଗଣେଶ ନାୟକ, ଦେବବ୍ରତ ସାମଲ, ପୁରୁଷୋତ୍ତମ ସେଠି, ସରସ୍ୱତୀ ବେହେରା, ନିରଞ୍ଜନ ଦାସ, ମାନସୀ ତ୍ରିପାଠୀ, ସୁଶ୍ମିତା ଚାନ୍ଦ, ଦିପାଲୀ ନାୟକ, ସେକ ନାଶିର, ସୁମିତ୍ରା କୁଆଁର ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ଶିରିଶଗୁଡା ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ନନ୍ଦପୁର,(ନି.ପ୍ର) :** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ସିରିଶ ଗୁଡା ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଉତ୍ସବ ରେ ଅତିଥି ଭାବେ ପା ତୁଆ ସରପଂଚ ଗୋପୀନାଥ ସୀସା, ସମିତି ସଭ୍ୟ ନୀଳକଣ୍ଠ ମାଝୀ, ସାମାଜିକ କର୍ମୀ ଶଶି ଧର ନାୟର, ସିମାଞ୍ଚଳ ନାୟକ, ନିହାର ରଞ୍ଜନ ସାହୁ ୱାର୍ଡ଼ ମେମ୍ବ ର ମଞ୍ଜୁ ପାଙ୍ଗି, ପ୍ରମୁଖ ଯୋଗ ଦେଇ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ବାର୍ଷିକ ଉତ୍ସବ ଅବସର ର ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀ ମାନଙ୍କ ମଧରେ ଏକ ଉତ୍ସବ ଭରି ଦିଏ ବୋଲି କହିବା ସହ ଏହା ଦ୍ୱାରା ପିଲା ମାନଙ୍କୁ ନିୟମିତ ବିଦ୍ୟାଳୟ ଆସିବା ଉତ୍ସାହ ପ୍ରଦାନ କରିଥାଏ ବୋଲି କହିଥିଲେ । ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଙ୍ଗୁ ସଭାପତିତ୍ୱ କରିଥିବା ଏହି କାର୍ଯ୍ୟ କ୍ରମ କୁ ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଦାସ ଓ ସହକାରୀ ଶିକ୍ଷୟତ୍ରୀ ସ୍ନିଗ୍ଧା ରାଣୀ ସାମଲ ପରିଚାଳନା କରିଥିବା ବେଳେ ନିମନ୍ତ୍ରିତ ଶିକ୍ଷକ ନିଳାମ୍ବର ଖିଲ ସହଯୋଗ କରିଥିଲେ।

## ବାଙ୍ଗିରିପୋଷି ଅଞ୍ଚଳରୁ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଶୁଳିଆପଦା,(ନି.ପ୍ର) :** ଆଜି ଚାନ୍ଦୁଆ ଥାନା ପକ୍ଷରୁ ଥାନା ଅଧୀନ ବିଭିନ୍ନ ସ୍ଥାନରେ ପେଟ୍ରୋଲିଂ ଚାଲୁଥିଲା । ତେବେ ପଶ୍ଚିମ ବଙ୍ଗ ସୀମାନ୍ତ ଚକସୁଳିଆପଦା



ରୁ ବାଙ୍ଗିରିପୋଷି ଅଞ୍ଚଳକୁ ଏକ ଟ୍ରାକ୍ଟର ବାଲି ବୋଝେଇ ନେଇ ଯାଉଥିବା ସମୟରେ ଚାନ୍ଦୁଆ ଥାନା ଅଧିକାରୀ ମଧୁସୂଦନ ଦୁତ୍ତଙ୍କ ଦ୍ୱାରା ଜବତ କରାଯାଇଛି । ଟ୍ରାକ୍ଟର ନମ୍ବର୍ ( ଓଡ଼ି ୧୧ଏସ ୩୬୬୪ )କୁ ଜବତ କରି ଜମ୍ବିରା ଫାଣ୍ଡିରେ ରଖିଥିବା ବେଳେ ଡ୍ରାଇଭର ଧନଞ୍ଜୟ ହାଁସଦାକୁ ଗୋରୋପ କରାଯାଇଛି । ତେବେ ୧୪/ ୨୫ ରେ ଏକ ମାମଲା ରୁଜୁ ହୋଇଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

## କୋଡିଙ୍ଗା ତସିଲଦାର ଦାଇତ୍ୱରେ ଥାଇ ଦାଇତ୍ୱ ଅବହେଳିତ

### ଅଭିଯୋଗ ଆଣିଛନ୍ତି ଅଞ୍ଚଳ ବାସି ଓ ଅକିଲସଙ୍ଘ

**ନବରଙ୍ଗପୁର,(ନି.ପ୍ର) :** ଜିଲ୍ଲାର କୋଷାଗୁମୁଡା ବ୍ଲକ ର କୋଡିଙ୍ଗା ତହସିଲ ଦାରଙ୍କ ତହସିଲ କାର୍ଯ୍ୟଳୟ ରେ ଅନୁଉପସ୍ଥିତ ଯୋଗୁଁ କୋଡିଙ୍ଗା ତହସିଲର ଅଞ୍ଚଳ ବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଚି, ଲୋକେ ତିରିଶି, ଚାଳିଶି କିଲୋମିଟର ଦୂରରୁ ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଓ ବିଭିନ୍ନ କାର୍ଯ୍ୟ ପାଇଁ ଅର୍ଥ ଖର୍ଚ୍ଚ କରି ଆସି ନିରାଶ ହୋଇ ଘରକୁ ଫେରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି ମିଳିଥିବା ସୁଚନା ମୁତାବକ ଯେବେଠୁ କୋଡିଙ୍ଗା ତହସିଲ ଅଧିକାରୀ ଭିଜେଲେନ୍ସ ଘେରରେ ପଡିବାଠାରୁ କୋଡିଙ୍ଗା ତହସିଲର ଜନସାଧାରଣ ଓ କୋଷାଗୁମୁଡା ଜନସଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ଦୀର୍ଘ ମାସ ହେବ ଭଗୁଛନ୍ତି, ଏ ସମସ୍ୟା ଦେଖିକି କୋଡିଙ୍ଗା ଅଞ୍ଚଳ ବାସି,



ଅକିଲ ସଂଘ ଓ ବୁଦ୍ଧିଜୀବୀ ସିଘ୍ର ଏହି ସମସ୍ୟାର ସମାଧାନ କଲେ ଜନସାଧାରଣ ଉପକୃତ ହେବେ ବଲି ଜିଲ୍ଲା ପ୍ରଶାସନ କୁ ଗଣମାଧମ ଦ୍ୱାରା ଗୁହାରି କରିଛନ୍ତି,ତାହା ସହ କହିଛନ୍ତି କି ଯଦିବା ଏ କେତେଦିନ ଭିତରେ ଯଦି ବିକଳ୍ପର ବାଟ ନ ଫିଟେ ତାହେଲେ କଡିଙ୍ଗା ତହସିଲ ଫାଟକ କୁ ତାଲା ପକାଇବୁ ଓ ରାଜରାସ୍ତାରେ ଓହ୍ଲାଇବୁ ତାପାଇଁ ଜିଲ୍ଲା ପ୍ରଶାସନ ହିଁ ଦାଇ ବଲି ପ୍ରକାଶ କରିଥିବା ସୂଚନା ମିଳିଛି ଖବର ପ୍ରସାରଣ ପରେ ପ୍ରଶାସନ କଣ ପଦକ୍ଷେପ ନେଉଚି, ତାହା ଦେଖିବାକୁ ବାକି ରହିଲା।

## ସର୍ବ ଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ

**ଛେଣ୍ଡିପଦା,(ନି.ପ୍ର) :** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ବାଗଡ଼ିଆ ହାଇ ସ୍କୁଲ ପଡିଆରେ ଦୁଇ ଦିନିଆ ଦିବା ରାତ୍ରୀ ସର୍ବ ଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆଜି




ଆରମ୍ଭ ହୋଇ ଯାଇଛି । ଏହି ଭଲି ବଲ୍ ଟୁଣାମେଣ୍ଟ ଭାରତ ର ବିଭିନ୍ନ ରାଜ୍ୟ ର ଛଅ ଟି ଭାଗ ନେଇଛନ୍ତି । ଆଜି ପ୍ରଥମ ଲିଗ୍ ମ୍ୟାଚ୍‌ଟି ଚେନାଇ ଓ ହରିୟାଣା ମଧରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍ ରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ଛେଣ୍ଡିପଦା ବିଧାୟକ ଶ୍ରୀଯୁକ୍ତ ଅଗସ୍ତି ବେହେରା, ଭଲିବଲ୍ ଆସୋସିଏସନ୍ ର ସଭାପତି ବିନୋଦ କୁମାର ସରଳିଆ, ଗୋଲକ ବିହାରୀ ପ୍ରଧାନ , ସୁଶାସନ ବେହେରା , ବାଗଡିଆ ଥାନା ଅଧିକାରୀ, ବାଗଡିଆ ସରପଞ୍ଚ ପୁଷ୍ପଲତା ବେହେରା, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ବିଜେପି ଯୁବନେତା ଅକ୍ଷୟ ପାଦ ବେହେରା, ଚୌଧୁରୀ ପ୍ରଧାନ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମାନେ । ଏହି ସର୍ବ ଭାରତୀୟ ଭଲି ବଲ୍ ଟୁ୍ଣାମେଣ୍ଟ ବାଗଡିଆ ର ଆନନ୍ଦ ଭଲି ବଲ୍ ଆସୋସିଏସନ୍ ପକ୍ଷରୁ ଆୟୋଜନ କରାଯାଇଛି ।

### ବିଜୟ ରାଉଳ ମେମୋରିଆଲ ଗଣିଆ କପ୍ ଫୁଟବଲ୍

## ୨-୦ ଗୋଲରେ ଜିତି ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ଚାମ୍ପିଅନ୍

**ଗଣିଆ,(ନି.ପ୍ର) :** ମହାବୀର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ବିଜୟ ରାଉଳ ମେମୋରିଆଲ ଗଣିଆ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ବୌଦ୍ଧ ବନାମ ଫୁଲବାଣୀ । ଉଭୟ ଦଳର ଖେଳାଳୀମାନେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରିଥିଲେ ମଧ ପ୍ରଥମାର୍ଦ୍ଧରେ ଫୁଲବାଣୀ ଦଳ ବୌଦ୍ଧ ଦଳକୁ ଗୋଟିଏ ଗୋଲ୍ ଦେଇ ଥିଲେ। ଦ୍ୱିତୀୟାର୍ଦ୍ଧରେ ଫୁଲବାଣୀ ଦଳ ବୌଦ୍ଧକୁ ଆଉ ଗୋଟିଏ ଗୋଲ ଦେଇଥିଲେ । ଫଳରେ ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ଦଳ ୨-୦ ଗୋଲରେ ବିଜୟ ଲାଭ କରି ଚଳିତ ବର୍ଷ ଚମ୍ପିୟାନ ଘୋଷିତ ହୋଇଥିଲା । ଆଜିର ମ୍ୟାଚରେ ମ୍ୟାଚ ରେଫରି ଭାବରେ ଶିବ ଶଙ୍କର ପଣ୍ଡା ଯୋଗ ଦେଇଥିବା ବେଳେ ସହଯୋଗୀ



ରେଫରି ଭାବେ ସୁଜିତ କୁମାର ପାତ୍ର ଓ ଏମ ଏସ ବେଗ ଏବଂ ଚତୁର୍ଥ ରେଫରୀ ଭାବେ ଦିଲ୍ଲୀପ କୁମାର ରାଉତ ଯୋଗ ଦେଇ ଥିଲେ । ଖେଳ ଆରମ୍ଭରେ ଏବଂ ମଧ୍ୟାନ୍ତର ରେ ଗଣିଆ କଳା ପରିଷଦର ଛାତ୍ର ଛାତ୍ରୀ ମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ । ଆଜିର ମ୍ୟାଚରେ ମୂଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଦଶପଲ୍ଲା ରମେଶ ଚନ୍ଦ୍ର ବେହେରା ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା , ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ରଞ୍ଜନ କୁମାର ରାଉଳ ଯୋଗ ଦେଇ ଖେଳକୁ ଉପଭୋଗ କରିବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମହାବୀର ସାଂସ୍କୃତିକ ପରିଷଦ ତରଫରୁ ଅତିଥି ମାନଙ୍କୁ ଜଗନ୍ନାଥ ମନ୍ଦିର ପରିସରରୁ ଏକ ବିଶାଳ ଶୋଭାଯାତ୍ରାରେ ପଡିଆ ମଧ୍ୟକୁ ନିମନ୍ତ୍ରଣ କରାଯାଇଥିଲା । ହଜାର ହଜାର ଦର୍ଶକ ଆଜିର ଖେଳକୁ ଉପଭୋଗ କରିଥିଲେ। ସମ୍ପାଦକ ବିଶ୍ୱ ରଞ୍ଜନ ସେଠୀ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ମୁଖ୍ୟ ଅତିଥି ବିଜେତା ଫୁଲବାଣୀ ଦଳକୁ ଚମ୍ପିୟାନ ଟ୍ରଫି ସହିତ ୪୦,୦୦୦/- ଟଙ୍କା ଓ ଉପ ବିଜେତା ବୌଦ୍ଧ ଦଳକୁ ଟ୍ରଫି ସହିତ ୩୦,୦୦୦/- ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ । ସାତଦିନ ଧରି ଚାଲି ଥିବା ଏହି କାର୍ଯ୍ୟକ୍ରମରେ ସମସ୍ତ ଦର୍ଶକ ଶାନ୍ତି ଶୃଙ୍ଖଳାରେ ଖେଳ କୁ ଉପଭୋଗ କରିଥିବାରୁ ଅନୁଷ୍ଠାନର ସଭାପତି ଗିରିଧାରୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତ ବିଜୟ ରାଉଳ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ସୁପୁତ୍ର ରଞ୍ଜନ କୁମାର ରାଉଳ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ସହଯୋଗ କରିଥିବାରୁ ଅନୁଷ୍ଠାନ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଆଜିର ଖେଳରେ ପ୍ରଥମ ଗୋଲ୍ କରିଥିବା ଖେଳାଳି ଙ୍କୁ ଓଡ଼ଗାଁ ର ନିରାକାର ମଣ୍ଡଳଙ୍କ ତରଫରୁ ୫୦୦ ଟଙ୍କା ପୁରସ୍କାର ଦିଆ ଯାଇଥିଲା ଏବଂ ପରବର୍ତ୍ତୀ ପ୍ରତ୍ୟେକ ଗୋଲ୍ ପାଇଁ ୨୦୦ ଟଙ୍କା ଦିଆଯାଇଛି। ତତ୍ ସହିତ ଗଣିଆର ମନୋରଞ୍ଜନ ମହାଳିକଙ୍କ ତରଫରୁ ପ୍ରତ୍ୟେକ ଗୋଲ୍ ପାଇଁ ୧୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଖେଳ ଶେଷରେ ତିନି ଜଣ ଶ୍ରେଷ୍ଠ ଦର୍ଶକ ଙ୍କୁ ସମ୍ମାନିତ କରାଯାଇଥିଲା। ମହାବୀର ସାଂସ୍କୃତିକ ପରିଷଦର ସମସ୍ତ କର୍ମକର୍ତ୍ତା ତଥା ସ୍ୱେଚ୍ଛାସେବୀ ମାନଙ୍କୁ ମାନପତ୍ର ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଭୁବନେଶ୍ୱରରୁ ଆସିଥିବା ଆଙ୍କର ଦିବ୍ୟାଶ୍ରୀ ଶୁଭଦର୍ଶିନୀ ଏବଂ ମହାବୀର ସାଂସ୍କୃତିକ ପରିଷଦର ସାଂସ୍କୃତିକ ସମ୍ପାଦକ ଦେବୀ ପ୍ରସାଦ ଦାଶ ମଞ୍ଚ ପରିଚାଳନା କରିଥିଲେ ।

## ନିଲାଦୋର ପୁଟ ଗ୍ରାମରେ ସଂକୀର୍ତ୍ତନ ନାମଯଜ୍ଞ

**ନନ୍ଦପୁର,(ନି.ପ୍ର) :** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମ ପୁଟ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ନୀଳ ଦୋରା ପୁଟ ଗ୍ରାମ ସଂକୀର୍ତ୍ତନ ନାମ ଯଜ୍ଞ ଅନୁଷ୍ଠିତ ହୋଇ ଯାଇଅଛି । ଗ୍ରାମ ସମସ୍ତ ପରିବାର ଭକ୍ତି ମୟ ପରିବେଶ ରେ ଦୀର୍ଘ ଦୁଇ ଦିନ ଧରି ନାମ ଯଜ୍ଞ କରିଥିଲେ । ପ୍ରତି ବର୍ଷ ନିଲଦୋରା ପୁଟ ଗ୍ରାମ ରେ ନାମ ଯଜ୍ଞ ସଂକୀର୍ତ୍ତନ ଅନୁଷ୍ଠିତ ହୋଇ ଥା ଏ । ଗତ ତିନି ବର୍ଷ ହେବ ନୀଳ ଦୋରା ପୁଟ ଗ୍ରାମ ରେ ଉତ୍ସାହ ଓ ଭକ୍ତି ଭାବ ମଧ ରେ



ସଂକୀର୍ତ୍ତନ ନାମ ଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି । ଚଳିତ ବର୍ଷ ଏକ ବଡ ଧାରଣ ଆୟୋଜନ କରାଯାଇଥିଲା । ବିଭିନ୍ନ ଅଂଚଳ ରୁ ପାଖା ପାଖି ୨୫ ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ଦୁଇ ଦିନ ଧର ନାମ ଯଜ୍ଞ ସଂକୀର୍ତ୍ତନ କରିଥିଲେ । ଏହି କାର୍ଯ୍ୟ କ୍ରମ ରେ ଗ୍ରାମ ର ସମସ୍ତ ପରିବାର ସାମିଲ ରହିଥିବା ବେଳେ ଯୁବ ଗୋଷ୍ଠୀ ହରି ଦୋରା, ମଦନ ମୋହନ ଦୋରା, ମଙ୍ଗଳା ଦୋରା, ଗୁପ୍ତ ଦଳପତି, ସୁକ ଦେବ ଦୋରା, ଗୁପ୍ତ ଦୋରା, ସମରା ଦଳପତି, ଦୁଦୂ ଦଳପତି, ବଳରାମ ଦଳପତି, ଅର୍ଜୁନ ଦୋରା ଏହି କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ ।

## ରୁକୁଣା ରଥ ପାଇଁ କାଠ ଗଲା ଦଶପଲ୍ଲାରୁ

**ଦଶପଲ୍ଲା,(ନି.ପ୍ର) :** ଦଶପଲ୍ଲା ବନାଞ୍ଚଳ ରୁ ପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଯାତ୍ରା ନିମନ୍ତେ ରୁକୁଣା ରଥ ନିର୍ମାଣ ପାଇଁ ଶୁକ୍ରବାର ରାତିରେ କାଠ ପଠାଯାଇଥିବା ଜଣାଯାଇଛି, କାଠ ଗୁଡିକ ଖପୁରିଆ ମିଲକୁ ଯିବ, ସେଠାରୁ କଟା ଯାଇ ମନ୍ଦିର ନିକଟକୁ ଯିବବୋଲିଜଣାଯାଇଛି, ଦଶପଲ୍ଲା ବନ ଉନ୍ନୟନ ନିଗମ ଏସ ଡି ଏମ୍ ଶ୍ୱାଶିଷ ଦାଶଙ୍କ ସୂଚନା ଅନୁଯାୟୀ ଦଶପଲ୍ଲା ବନଞ୍ଚଳ ର ବିଭିନ୍ନ ଅଂଚଳରୁ କାଠ ଗୁଡିକ ସଂଗ୍ରହ କରାଯାଇଥିଲା, ଯାଇଥିବା କାଠ ମଧ ରେ ୫ଟି ଶିମିଳି ୧୫ ଫୁଟ ଲମ୍ବ, ୫ ଫୁଟ ଗୋଲେଇ ଓ ଗୋଟିଏ ବେଲ କାଠ ୧୦ ଫୁଟ ଲମ୍ବା ୫ ଫୁଟ ଗୋଲେଇ ବୋଲି ଜଣାଯାଇଛି, ଗୋଟିଏ ଟ୍ରକ ରେ ଏହି କାଠ ଗୁଡିକ ଯାଇଥିବା ଜଣାଯାଏ।



# ସତ୍ୟ ନିୟୁଜର ମୋହା ପ୍ରଭାବ



ଗଣିଆ,(ନି.ପ୍ର) : ନୟାଗଡ଼ ଜିଲ୍ଲା ର ଉପାନ୍ତ ଅଞ୍ଚଳ ଗଣିଆ ବ୍ଲକର ଛାମୁଣ୍ଡିଆ ଓ ବଡସିଲିଙ୍ଗା ପଞ୍ଚାୟତ । ମାତ୍ର ଗଣିଆ ଠାରୁ ବଡମୁଳ ପର୍ଯ୍ୟନ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱ ରେ ରହିଥିବା ଯୋଗୁଁ ଏହାର ନିର୍ମାଣ କାର୍ଯ୍ୟ ସଠିକ ସମୟେ ଓ ଠିକ ଭାବେ କାର୍ଯ୍ୟ କରାଯାଉ ନାହିଁ ବୋଲି ଛାମୁଣ୍ଡିଆ ପଂଚାୟତ ର ଅଧିବାସୀ ବୃନ୍ଦ ଲିଖିତ ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଏହାର ପ୍ରତିବାଦରେ ଆଗାମୀ ୩ ତାରିଖରେ ଗଣିଆ ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ । ଉକ୍ତ ରାସ୍ତା ଟି ଦୀର୍ଘଦିନ ହେଲା ଖଲଖମାରେ ପରିପୂର୍ଣ ହୋଇ ରହିଥିବା ଯୋଗୁଁ ଜନସାଧାରଣ ବହୁ କଷ୍ଟରେ ଯାତାୟାତ କରୁଥିଲେ । ଏହାର ନିର୍ମାଣ କାର୍ଯ୍ୟ ତୁରନ୍ତ ଓ ସଠିକ ମାନ ର କରାଯିବାକ୍ଷ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚେତାବନି ଦେଇଥିଲେ । ମରଣଜନ୍ତା ହୋଇ ଦୀର୍ଘଦିନ ହେଲା ପଡିରହିଥିବା ରାସ୍ତା କାର୍ଯ୍ୟ ବିଭାଗୀୟ ଅଧିକାରୀ ଙ୍କଦ୍ୱାରା ନିର୍ମାଣ କାର୍ଯ୍ୟରେ ତତ୍ପରତା ଦେଖାଦେଇଛି । ଏ ନେଇ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ ଓ ନିର୍ବାହୀ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସ ଙ୍କୁ ଯୋଗାଯୋଗ କରିବାରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବର୍ତମାନ ଚାଲିଛି । ଏହା ଦଶ ଦିନ ହେଲା ଆରମ୍ଭ କରାଯାଇଅଛି । ଏହା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରେ ଅନ୍ତର୍ଭୁକ୍ତ ରହିଅଛି । ଏହାର ଓସାର ୩. ୭୫ ମିଟର ଅଥବା ୧୨. ୫ ଫୁଟ ରାସ୍ତା ନିର୍ମାଣ ପାଇଁ ନିୟମ ରହିଅଛି ଏବଂ ଉକ୍ତ ରାସ୍ତା କାର୍ଯ୍ୟ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଶେଷ କରାଯିବ ବୋଲି ଜଣାଇଥିଲେ । ଏଥି ସହିତ ରାଜ୍ୟ ଓ ଜାତୀୟ ମାନ ନିର୍ଧାରଣ ଟିମ ଦ୍ୱାରା ଯାଞ୍ଚ ପ୍ରକ୍ରିୟା କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଜଣାଇଥିଲେ ।

# ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ କଠିନ ବର୍ଜ୍ୟବସ୍ତୁ ପୃଥକିକାରଣ କେନ୍ଦ୍ର କାହା ସ୍ୱାର୍ଥରେ ?



ନୂଆଗାଁ,(ନି.ପ୍ର) : ପରିମଳ ଓ ପରିବେଶ କୁ ସ୍ୱଚ୍ଛ ରଖିବା ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟରେ ବିଭିନ୍ନ ସ୍ଥାନରେ କଠିନ ବର୍ଜ୍ୟବସ୍ତୁ ପୃଥକି କାରଣ କେନ୍ଦ୍ର ମାନ ନିର୍ମାଣ କରାଯାଇଥିବା ବେଳେ, ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତ ରେ ମଧ ଏହି କଠିନ ବର୍ଜ୍ୟବସ୍ତୁ ପୃଥକି କାରଣ କେନ୍ଦ୍ର ମାନ ନିର୍ମାଣ କରାଯାଇଛି । ହେଲେ ନୂଆଗାଁ ବ୍ଲକ ରେ ଏସବୁ କଠିନ ବର୍ଜ୍ୟବସ୍ତୁ ପୃଥକି କାରଣ କେନ୍ଦ୍ର ଦୀଗହରା ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଏମିତି ନମୁନା ଦେଖିବାକୁ ମିଳିଛି ବ୍ଲକର ଆଦିବାସୀ ବହୁଳ କାପ୍ତାପଲ୍ଲୀ ପଂଚାୟତରେ ନିର୍ମିତ ହୋଇଥିବା କଠିନ ବର୍ଜ୍ୟବସ୍ତୁ ପୃଥକି କରଣ କେନ୍ଦ୍ର ରେ । ଆରମ୍ଭରୁ ଡ଼ିଗହରା ହୋଇପଡିଛି ନିର୍ମିତ କଠିନ ବର୍ଜ୍ୟବସ୍ତୁ ପୃଥକି କାରଣ କେନ୍ଦ୍ର । ଦିନଟେ ବି କାମରେ ଆସିନଥିବାର ଜାଣିବାକୁ ମିଳିଥିବା ବେଳେ ଉଠି ଗଲାଣି ଏହି କେନ୍ଦ୍ର ର ଟିଣ ଛପର । ସୂଚନା ଅନୁଯାୟୀ ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ କାପ୍ତାପଲ୍ଲୀ ପଂଚାୟତ କାର୍ଯ୍ୟାଳୟ ନିକଟରେ ପଞ୍ଚାୟତ ପାଣ୍ଠି ଓ ବ୍ଲକ ପାଣ୍ଠି ରେ ୨୦୨୧/୨୨ ଆର୍ଥିକ ବର୍ଷରେ ଏକଲକ୍ଷ ପଚାଶ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା କଠିନ ବର୍ଜ୍ୟବସ୍ତୁ ପୃଥକି କରଣ ନିର୍ମାଣ କରାଯାଇଥିବାର ଦେଖିବାକୁ ମିଳିଛି । ହେଲେ ଦିନକ ପାଇଁ କାମରେ ଆସିନଥିବା କହୁଛନ୍ତି ଅଞ୍ଚଳବାସୀ । ସ୍ଥାନୀୟ ଲୋକଙ୍କ କହିବା କଥା ଏହି କଠିନ ବର୍ଜ୍ୟବସ୍ତୁ ପୃଥକି କରଣ କେନ୍ଦ୍ର ନିର୍ମାଣ ର ଉଦ୍ଦେଶ୍ୟ ଓ କିପରି ବ୍ୟବହାର କରାଯିବ , ସେଥିନେଇ ଏହାର ନିର୍ମାଣ ପୂର୍ବରୁ କିମ୍ବା ପରେ ପରେ ଲୋକଙ୍କୁ ସଚେତନ କରାଇବା କଥା । ହେଲେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏହି କଠିନ ବର୍ଜ୍ୟବସ୍ତୁ ପୃଥକି କାରଣ କେନ୍ଦ୍ରର ବ୍ୟବହାର ସମ୍ପର୍କରେ ଲୋକମାନେ ଅଜ୍ଞ ଥିବାରୁ,ପ୍ରାୟତଃ ବିଭିନ୍ନ ସ୍ଥାନରେ ନିର୍ମିତ ଏହି କେନ୍ଦ୍ର ସବୁ ଲୋକଙ୍କ କାମରେ ଆସୁନଥିବାରୁ, ସରକାରୀ ଟଙ୍କା ବ୍ୟୟ ରେ ଠିକାଦାର ପୋଷଣ ଛଡ଼ା ଆଉକିଛି ଲାଭ ନୁହେଁ ବୋଲି ଅଭିଯୋଗ ହେଉଛି ।

# ବାଣିପଙ୍ଗା ବିଦ୍ୟାଳୟରେ ସରପଞ୍ଚଙ୍କୁ ଦୁର୍ବ୍ୟବହାର

ଲାଞ୍ଜିଗଡ,(ନି.ପ୍ର) : ଲାଞ୍ଜିଗଡ଼ ବ୍ଲକ ବାତେରଲିମା ପଞ୍ଚାୟତ ସ୍ଥିତ ବାଣୀପଙ୍ଗା ଏସଏସଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଖେଳ ଶିକ୍ଷକ ସହିତ ଦୁଇ ଜଣ ଶିକ୍ଷୟତ୍ରୀ ସ୍କୁଲକୁ ନିୟମିତ ଆସୁ ନଥିବା ନେଇ ବାତେରଲିମା ପଞ୍ଚାୟତ ସରପଞ୍ଚ ଦୀର୍ଘ ୩ ମାସ ଧରୀ ଅଭିଯୋଗ କରି ଆସୁଥିଲେ । ଠିକ୍ ଏହି ସମୟରେ ଗତ ଚଳିତ ମାସ ୨୯ତାରିଖ ଗୁରୁବାର ଦିନ ପୂର୍ବାହ୍ନ ୧୦ଘଣ୍ଟା ସମୟରେ ଆସିବା ବଦଳରେ ୧୧ଘଣ୍ଟା ସମୟରେ ଆସୁଥିବା ଜାଣି ପାରି ଶିକ୍ଷକ ଶିକ୍ଷୟତ୍ରୀ ମାନେ ସ୍କୁଲକୁ ପହଞ୍ଚୁ ଥିବା ପୂର୍ବରୁ ସରପଞ୍ଚ ଶ୍ରୀ ମାଝୀ ବିଦ୍ୟାଳୟ ମୁଖ୍ୟ ଫଟକରେ ରହି ଉକ୍ତ ୩ ଶିକ୍ଷକ,ଶିକ୍ଷୟତ୍ରୀ ସ୍କୁଲକୁ ଆସୁଥିବା ଅପେକ୍ଷା କରି ରହିଥିଲେ । ଠିକ ଏହି ସମୟରେ ଉକ୍ତ ଦିନ ୧୧ଘଣ୍ଟା ସମୟରେ ଶିକ୍ଷକ, ଶିକ୍ଷୟତ୍ରୀ ଆସୁଥିବା ଦେଖି ପ୍ରମାଣ ସଂଗ୍ରହ ପାଇଁ ଭିଡିଓ ଉତ୍ତଳନ କରିଥିବା ବେଳେ ଖେଳ ଶିକ୍ଷକ ବିଜୟକୁମାର ଭୋଇ ଉତ୍ତପ୍ତ ହୋଇ ସରପଞ୍ଚ ଶ୍ରୀ ମାଝୀଙ୍କୁ ଗାଳିଗୁଲଜ କରିବା ସହିତ ମୋବାଇଲ ଓ ବାଇକ ଛଡାଇ ନେଇ ସ୍କୁଲ ଭିତରେ ଭର୍ତି କରିଦେଇ ଦେଇଥିଲେ । ଏହାକୁ ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ପରେ ଗତ କାଲି



୩୧ତାରିଖ ଶୁକ୍ରବାର ଅପରାହ୍ନ ୩ଘଣ୍ଟା ସମୟରେ ସ୍କୁଲର ଛାତ୍ରୀ ମାନଙ୍କୁ ପ୍ରବର୍ତ୍ତାଇ ସରପଞ୍ଚ କରୁଣା ମାଝୀଙ୍କ ବିରୋଧରେ ବିଭିନ୍ନ ପ୍ରକାର କଟୁ ମନ୍ତବ୍ୟ ସହିତ ସ୍ଲୋଗାନ ଦେଇ ବାଣୀପଙ୍ଗା ଛାତ୍ରୀ ଆବାସିକ ବିଦ୍ୟାଳୟ ଠାରୁ ଦୀର୍ଘ ୧୦ କିଲୋମିଟର ଚଲାଇ ନେଇ ସରପଞ୍ଚଙ୍କ ନାମରେ ଏତେଲା ଦେବା ପାଇଁ ଯାଉଥିଲେ । ଏହି ସମୟରେ ଚାଲିଯାଉଥିବା ଛାତ୍ରୀ ଓ ଶିକ୍ଷକଙ୍କ ଭିଡିଓ ଭାଇରଲ ହେବା ପରେ ଅଭିଭାବକ ତଥା ବୁଦ୍ଧି ଯିବି ମହୋଳରେ ଚର୍ଚ୍ଚାର ବିଷୟରେ ପାଲଟିଥିଲା । ଭିଡିଓ ଭାଇରଲ ହେବା ଖବର ପାଇ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିଆର ସିଂ ବାଣୀପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏହା ଉପରେ ଅବଗତ କରାଇଥିଲେ । ପରେ ପ୍ରଧାନ ଶିକ୍ଷକ ଖେଳ ଶିକ୍ଷକଙ୍କୁ ଖବର ଦେଇ ସମସ୍ତ ଛାତ୍ରୀ ମାନଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ସୂଚନା ଦେବା ପରେ ଖେଳ ଶିକ୍ଷକ ଭୟଭୀତ ହୋଇ ସମସ୍ତ ଛାତ୍ରୀ ମାନଙ୍କ ସହ ସ୍କୁଲକୁ ପ୍ରତ୍ୟାବର୍ତନ କରିଥିଲେ । ଦୀର୍ଘ ୧୦କିଲୋମିଟର ଚାଲିଥିବା ଛାତ୍ରୀ ମାନଙ୍କ ଅଭିଭାବକ ମାନେ ଏହାକୁ ଦୃଢ଼ ନିନ୍ଦା କରି ଆଜି ବିଦ୍ୟାଳୟର ମୁଖ୍ୟ ଫାଟକରେ ଧାରଣାରେ ବସିଥିଲେ । ଏହାର ସୂଚନା ପାଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଜାମୀ କହଁର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜାନକୀ ବଲ୍ଲଭ ସାମନ୍ତରାୟ, ଲାଞ୍ଜିଗଡ ଗୋଷ୍ଠି ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର, ଲାଞ୍ଜିଗଡ ପଞ୍ଚାୟତ ସମିତି ଅଧକ୍ଷା କମଳା ପାତ୍ର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିଆର ସିଂ କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ବାତେରଲିମା ସରପଞ୍ଚ କରୁଣା ମାଝୀଙ୍କ ସହିତ ଏହା ଉପରେ ଆଲୋଚନା କରିଥିଲେ । ଆଲୋଚନା ପରେ ମଧ୍ୟ କୌଣସି ସମାଧାନର ପନ୍ଥା ଅବଲମ୍ବନ ହୋଇ ନଥିବା ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ଧାରଣା ସ୍ଥଳରେ ପହଞ୍ଚି ପ୍ରତିକ୍ରିୟା ଦେଇଥିବା ବେଳେ ତାଙ୍କ ପ୍ରତକ୍ରିୟାରେ ଅସନ୍ତୋଷ ହୋଇ ଖେଳ ଶିକ୍ଷକ ହାଏ ହାଏ ଖେଳ ଶିକ୍ଷକଙ୍କ ବଦଳି ଆମର ଦାବି ନାରା ଦେଇ ଅସନ୍ତୋଷ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଷମା ମାଝୀ, କରୁଣା ମାଝୀ ସମେତ ସମସ୍ତ ଗ୍ରାମ ପଞ୍ଚାୟତର ଅଭିଭାବକ ସହିତ ଗ୍ରାମ ପଞ୍ଚାୟତର ଜନସାଧାଣ ଧାରଣାରେ ଉପସ୍ଥିତଥିଲେ ।

# ୬୧ତମ ଅଷ୍ଟପ୍ରହର ନାମଯଜ୍ଞ

ଢେଙ୍କାନାଳ,(ନି.ପ୍ର) : ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ କଙ୍କା ଗ୍ରାମରେ ୬୧ ତମ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ପାଳିତ, ଚଳିତ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଇଂରାଜି ତା-୩୦-୧ -୨୫ ରିଖ ଠାରୁ ତା-୧-୨-୨୫ ରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ମହୋତ୍ସବ ଚାଲିଥିଲା, ଏଥିରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଲୋକସଭା ସାଂସଦ ମାନ୍ୟବର ଶ୍ରୀ ରୁଦ୍ରନାରାୟଣ ପାଣିଙ୍କ ଗଁଦିଆ ପ୍ରତିନିଧି ଶ୍ରୀଯୁକ୍ତ ଲଳିତ ଦାସ,



ଢେଙ୍କାନାଳ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଶ୍ରୀଯୁକ୍ତ ଏମ. ଜେ. ମହିମା ଓ ଢେଙ୍କାନାଳ ଜିଲ୍ଲା ମହିଳାମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ମମତା ସ୍ୱାଇଁ ଅପା ଯୋଗଦେଇଥିଲେ କ୍ଷ ବଲ୍ଲଭ, ବାଇଁଶିଆ, ମକୁନ୍ଦପୁର, କାଠପାଳ, ଆମ୍ବବାହାଳୀ ଆଦି ଏକାଧିକ ଗ୍ରାମର ସଂକୀର୍ତନ ମଣ୍ଡଳୀ ଯୋଗଦେଇଥିଲେ, କଙ୍କା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନାମ ଯଜ୍ଞ ଆନନ୍ଦ ଉଲ୍ଲାସର ସହ ପାଳିତ, ଏଥିରେ କର୍ତ୍ତାଭାବେ ବିରଞ୍ଚି ଇନ୍ଦ୍ରଜିତସିଂ, ପୁରୋଧା ଭାବେ ଶ୍ରୀଯୁକ୍ତ ଅଭୟ କୁମାର କର ଓ ହୃଦାନନ୍ଦ ପତି ତିନିଦିନ ଧରି ମହାପ୍ରଭୁଙ୍କ ନୀତିକାନ୍ତି ପରିଚାଳନା କରିଥିଲେ, ପରିଶେଷରେ ଗ୍ରାମବାସୀ ଓ ଆଖପାଖ ଅଂଚଳରୁ ଆସିଥିବା ସଂକୀର୍ତନ ମଣ୍ଡଳୀ ଓ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ ।

# ପୁଣି ଡଂଗାବୁଡି ୨ ନାବାଳକ ନିଖୋଜ

## ଗ୍ରାମବାସୀ ଓ ଅଗ୍ନିଶମ ବାହିନୀଙ୍କ ଦ୍ୱାରା ଖୋଜାଖୋଜି ଜାରି



ନନ୍ଦପୁର,(ନି.ପ୍ର) : କୋରାପୁଟ ଜିଲ୍ଲା ଜଳାପୁଟ ଜଳ ଭଣ୍ଡାର ରେ ଡ଼ଙ୍ଗା ବୁଡି ଦୁଇ ନାବାଳକ ନିଖୋଜ । ସ୍ଥାନୀୟ କିଛି ଲୋକ ଡ଼ଙ୍ଗା ବୁଡିବା ଦେଖିବାକୁ ପାଇଥିଲେ । ପ୍ରାଥମିକ ସୂଚନା ଅନୁଯାଇ ଜଳାପୁଟ ଗ୍ରାମର ଗବର୍ଦ୍ଧନ ହନ୍ତାଳ, ସୁରେନ୍ଦ୍ର ହନ୍ତାଳ, ମୁରଲୀ ଖେମୁଣ୍ଡୁ ନାମକ ତିନି ନାବାଳକ ମୋବାଇଲ ରେ ରିଲ ବନାଇବା ପାଇଁ ଜଳଭଣ୍ଡାର କୂଳରେ ରଖା ଯାଇଥିବା ଏକ ଦେଶୀ ଡ଼ଙ୍ଗା ନେଇ ଜଳଭଣ୍ଡାର ମଝିକୁ ଚାଲିଯାଇଥିଲେ । ସେଠାରେ କୌଣସି କାରଣ ବଶତଃ ଡ଼ଙ୍ଗା ଟି ବୁଡି ଯାଇଥିଲା । ତିନି ଜଣ ନାବାଳକ ଙ୍କ ମଧରୁ ଜଣେ ନାବାଳକ ପହଁରି ଆସି କେଉଁଠି ଲୁଚି ଯାଇଥିବା ଶୁଣିବାକୁ ମିଳୁଛି । ଏପଟେ ଦୁଇ ନାବାଳକ ନିଖୋଜ ଥିବା ବିସେଶ ସୂତ୍ର ରୁ ଜଣା ପଡିଛି । ନନ୍ଦପୁର ତହସିଲଦାର ଏ ବିଷୟରେ ଖବର ପାଇବା ପରେ ତୁରନ୍ତ ନନ୍ଦପୁର ଦମକଳ ବିଭାଗକୁ ସୂଚନା ଦେଇଥିଲେ । ସୂଚନା ପାଇ ଢଓଉ ଚିତ୍ତରଞ୍ଜନ ପଞ୍ଜିଆ, ଲକ୍ଷ ପ୍ରକାଶ କିସାନ, ଦୁଃଖ ନାଶନ ଖାଡ଼ିଆ, ଆଶିଷ ପାଣି ଡ୍ରାଏଭର ଉ ସେଠିଆ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତହସିଲଦାର ଙ୍କ ଉପସ୍ଥିତିରେ ନିଖୋଜ ମାନଙ୍କୁ ଖୋଜା ଖୋଜି ଆରମ୍ଭ କରିଥିଲେ । ହେଲେ ସନ୍ଧ୍ୟା ସୁଦ୍ଧା ସେମାନଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ । ଅନ୍ଧାର କାରଣରୁ ଅପରେସନ କୁ ସ୍ଥଗିତ କରି ଆସନ୍ତାକାଲି ପୁଣି ଖୋଜା ଖୋଜି ଜାରି ରଖାଯିବ ବୋଲି ବର୍ତ୍ତମାନ ସୁଦ୍ଧା ସୂଚନା ମିଳିଛି ।

# ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ

ମାଲକାନଗିରି,(ନି.ପ୍ର) : ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ ପରେ ଜିଲ୍ଲା ସଭାପତି ଓ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମାଲକାନଗିରି ବିଧାୟକ ନରସିଂହ ମାଡକାମୀ । ଏହି ଅବସରରେ ବିଧାୟକ ଶ୍ରୀ ମାଡକାମୀଙ୍କ ସହ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର ଓ ଜିଲ୍ଲା ସମ୍ପାଦକ ବି ଶ୍ରୀନିବାସ ପାତ୍ର ମାଲକାନଗିରିର ବହୁ ପ୍ରସିଦ୍ଧ ବଡ ଯାତ୍ରାକୁ ନେଇ ଆଲୋଚନା କରିଥିଲେ । ଏହି ଯାତ୍ରା ଏକ ପୌରାଣିକ ଯାତ୍ରା ହୋଇଥିବା ବେଳେ ଏଥିରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ । ସେହିପରି ଅନେକ ପୂଜକ, ଓ ଲାଠି ଦେବା ଦେବୀଙ୍କୁ ନେଇ ଆସୁଥିବା ଭକ୍ତ ମଣ୍ଡଳୀଙ୍କ ଯାତାୟତ, ରହିବା ଖାଇବା ଓ ଅନ୍ୟାନ୍ୟ ଅନୁସାଙ୍ଗିକ ବ୍ୟବସ୍ଥା କରିବା ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବିଧାୟକଙ୍କୁ ସଂଘ ପକ୍ଷରୁ ଅନୁରୋଧ



କରଯାଇଥିଲା । ସେହିପରି ଜିଲ୍ଲା ସଦରରେ ଉପୁଜୁଥିବା ଟ୍ରାଫିକ ସମସ୍ୟା, ପାର୍କିଂ ବ୍ୟବସ୍ଥା, ବାଶହୀନଙ୍କ ପାଇଁ ଆଶ୍ରୟ ବ୍ୟବସ୍ଥା ଉପରେ ମଧ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଜିଲ୍ଲା ସଦରର ରୂପନ୍ତିକରଣ କରି ଏକ ସୁନ୍ଦର ସହର ଭାବେ ପରିଣତ କରାଯିବ ବୋଲି ବିଧାୟକ ଶ୍ରୀ ମାଡକାମୀ ପ୍ରକାଶ କରିଥିଲେ । ଏହା ସହ ଜିଲ୍ଲା ସଦରର ବିଭିନ୍ନ ସମସ୍ୟା ଓ ଆଲୋଚିତ ବିଷୟକୁ ନେଇ ସେ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ । ଏହାସହ ଜିଲ୍ଲାର ବିକାଶ ଧାରାରେ ସାମ୍ବାଦିକଙ୍କ ଭୂମିକା ଅତ୍ୟନ୍ତ ଗୁରତ୍ୱପୂର୍ଣ ଥିବାରୁ ଦାଇତ୍ୱ ପୂର୍ଣ ସାମ୍ବାଦିକ ଓ ସାମ୍ବାଦିକ ସଂଘ ଭାବରେ ଉତ୍କଳ ସାମ୍ବାଦିକ ସଂଘ ଏବଂ ସମସ୍ତ ସଦସ୍ୟ ନିଜର କର୍ତ୍ତବ୍ୟକୁ ନିଷ୍ଠାର ସହ ତୁଲାଇବାକୁ ବିଧାୟକ ଶ୍ରୀ ମାଡକାମୀ ପରାମର୍ଶ ଦେଇଥିଲେ ।

# ଗୁଡ଼ାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ 'ମୋ ମଶାରି' ରଥ ଉଦ୍‌ଘାଟିତ

ଗୁଡ଼ାରୀ,(ନି.ପ୍ର) : ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ 'ମୋ ମଶାରି' ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।



ମେଡ଼ିକାଲ ଅଧିକାରୀ ଅରୁପାନନ୍ଦ ବେହେରା ଏହି 'ମୋ ମଶାରି' ଅଭିମାନ ରଥ କୁ ସବୁଜ ପତକା ଦେଖାଇ ଉଦଘାଟନ କରିଥିଲେ । ଶ୍ରୀ ଅରୁପାନନ୍ଦ ବେହେରା କହିଛନ୍ତି. ଗତ ଦିନରେ ଯେଉଁ ମଶାରି ବଣ୍ଟା ଯାଇଛି ମଶା ଦାଉରୁ ରକ୍ଷା ପାଇବାକୁ , ଲୋକ ସେଗୁଡିକ ବ୍ୟବହାର କରିବାକୁ ଏହି 'ମୋ ମଶାରି' ରଥ ମାଧମରେ ସଚେ୍ତନ କରାଯିବ । ଏହି ରଥ ବ୍ଲକ ର ପ୍ରତେକ ପଞ୍ଚାୟତ ଓ ପଞ୍ଚାୟତର ପ୍ରତେକ ଗ୍ରାମ ଗୁଡ଼ିକ ବୁଲିବ । ଯଦ୍ୱାରା ଲୋକମାନେ ସଚେ୍ତନ ହେବା ସହ ମେଲେରିଆରୁ ମୁକ୍ତି ପାଇବେ ବୋଲି କରିଛନ୍ତି । ଏହି ମଶାରୀ ଗୁଡ଼ିକ ଔଷଧ ରେ ଲେପନ କରାଯାଇଛି, ଏହି ମଶାରି ଗୁଡ଼ିକକୁ ଖାଲି ପାଣିରେ ଧୁଅନ୍ତୁ ଓ ଛାଇ ଜାଗାରେ ଶୁଖାନ୍ତୁ ବୋଲି କହିଛନ୍ତି । ଗ୍ରାମାଞ୍ଚଳରେ ବଣ ଜଙ୍ଗଲ ର ପରିବେଶ ଯୋଗୁଁ ମେଲେରିଆ ମଶା ଅଧିକାଂଶ ଦେଖିବାକୁ ମିଳେ । ଏହି ମଶା ଲୋକଙ୍କୁ କାମୁଡ଼ିଲେ ଜ୍ୱର ହେବ । ସେହି ଠିକ ସମୟରେ ଚିକିତ୍ସା ନ କରାଗଲେ ଜୀବନ ହାନି ମଧ ହୋଇଥାଏ । ଏଣୁ ଏହାକୁ ଗ୍ରାମାଞ୍ଚଳ ଓ ସହରରେ ସମସ୍ତ ସାଧାରଣ ମହିଳା ପୁରୁଷ ଓ ବିଶେଷ କରି ଶିଶୁମାନଙ୍କୁ ବ୍ୟବହାର କରିବା ନିଥାନ୍ତ ଆବଶ୍ୟକ ବୋଲି କହିଛନ୍ତି ।

# ଡାକମଣ୍ଡଳ ତରଫରୁ 'ଡାକ ଜୀବନ ବୀମା ଦିବସ'

ଢେଙ୍କାନାଳ,(ନି.ପ୍ର) : ଡ଼ାକମଣ୍ଡଳ ତରଫରୁ 'ଡାକ ଜୀବନ ବୀମା ଦିବସ' ଅନୁଗୁଳ ପ୍ରଧାନ ଡାକଘରେ ର ଏବଂ ଢେଙ୍କାନାଳ ପ୍ରଧାନ ଡାକଘରେ ପାଳନ କରାଯାଇଅଛି । ଏହି ଅବସରରେ ଢେଙ୍କାନାଳ ପ୍ରଧାନ ଡାକଘର ପ୍ରାଙ୍ଗଣରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଡାକ ମଣ୍ଡଳର ଡାକ ଅଧୀକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଦାଶ, ଢେଙ୍କାନାଳ ପ୍ରଧାନ ଡାକଘର ପ୍ରଧାନ ଡାକ ପାଳ ଶ୍ରୀଯୁକ୍ତ ସତ୍ୟବାଦୀ ଦାସ , ପୂର୍ବତନ ଡେଭେଲପମେଣ୍ଟ ଅଫିସର ତଥା ଗୋବିନ୍ଦପୁର ଉପ ଡାକଘର ଉପ ଡାକ ପାଳ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ସିଂହ, ଜନ ସଂପର୍କ ନିରୀକ୍ଷକ ଶ୍ରୀଯୁକ୍ତ ଜ୍ୟୋତି ରଞ୍ଜନ ସାହୁ ଆଦି ଉପସ୍ଥିତ ଥିଲେ । ଏହି ଅବସରରେ ଢେଙ୍କାନାଳ ଡାକ ମଣ୍ଡଳର ଡାକ ଅଧୀକ୍ଷକ ଶ୍ରୀଯୁକ୍ତ ଦାଶ ଡାକ ଜୀବନ ବୀମା (PLI) ସେବାର ଡିଜିଟାଇଜେସନ୍ କ୍ଷେତ୍ରରେ ଚାଲିଥିବା ପ୍ରୟାସ ଏବଂ ଅଗ୍ରଗତି ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଭାଷଣ ଦେଇ, ଡାକ ଅଧୀକ୍ଷକ ଗ୍ରାହକ ଅଭିଜ୍ଞତା




ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଡାକ ଜୀବନ ବୀମା (PLI) ଡିଜିଟାଇଜେସନ୍ ଦ୍ୱାରା ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଲିସିଧାରକଙ୍କ ପାଇଁ ନୀତିଗୁଡ଼ିକର ସୁଗମ ପରିଚାଳନା, ସହଜ ଦାବି ପ୍ରକ୍ରିୟା, ଇ-ବନ୍ଧପତ୍ର (e-Bond ) ଏବଂ ବାସ୍ତବ-ସମୟ ଅପଡେଟ୍ ସକ୍ଷମ ହେବ ବୋଲି ଡାକ ଅଧୀକ୍ଷକ ବର୍ଣନା କରିଥିଲେ । ଏହି ପରିପ୍ରେକ୍ଷୀ ରେ ଚଳିତ ଆର୍ଥିକ ବର୍ଷରେ ଉଭୟ ଡାକ ଜୀବନ ବୀମା ଏବଂ ଗ୍ରାମୀଣ ଡାକ ଜୀବନ ବୀମା ମିଳିତ ଭାବରେ ସର୍ବାଧିକ ପ୍ରିମିଅମ ଆଦାୟ କରିଥିବା ଗ୍ରାମୀଣ ଡାକ ସେବକ ଏବଂ ଡାଇରେକ୍ଟ ଏଜେଣ୍ଟ ମାନଙ୍କୁ ପୁରଷ୍କାର ପ୍ରଦାନ କରାଯାଇଥିଲା । ୟୁଟୁବ୍ ମାଧମରେ ଏହି କାର୍ଯ୍ୟକ୍ରମ ର ସିଧା ପ୍ରସାରଣ କରାଯାଇଥିଲା । ଶେଷରେ ଧନ୍ୟବାଦ ଜ୍ଞାପନ କରି ସଭା କୁ ସମାପ୍ତ କରାଯାଇଥିଲା ।

# ଜୁନାଗଡ଼ ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ

କଳାହାଣ୍ଡି,(ନି.ପ୍ର) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ହାଇସ୍କୁଲ ଖେଳ ପଡିଆ ଠାରେ ଜୁନାଗଡ଼ ମହୋତ୍ସବ କମିଟି ଓ ଗଣମାଧମ ସଙ୍ଘ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉତ୍ସବ କମିଟିରର ଅଧକ୍ଷ ଦୁର୍ଗା ପ୍ରସାଦ ନାଏକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସହ ଅଧକ୍ଷ ଲଳିତ ଅଗ୍ରୱାଲ, ସମ୍ପାଦକ ହିମାଂଶୁ ଶେଖର ବରାଡ଼, ଈଶ୍ୱର ପୁଝାରି, ଅଶୋକ ପଟ୍ଟନାୟକ, ଉଦ୍ଧବ ଚରଣ ସାହୁ, ବିଘ୍ନରାଜ ବରାଡ଼, ମାନସ ସେଠି ପ୍ରମୁଖ ଉଦବୋଧନ ଦେଇଥିଲେ ଯେ ପ୍ରତିବର୍ଷ ଜୁନାଗଡ଼ ହାଇସ୍କୁଲ ଖେଳ ପଡିଆ ଠାରେ ଜୁନାଗଡ଼ ବ୍ଲକ ଓ ଏନଏସିର ଯୁଗଳବନ୍ଦି ରେ ତିନି ଦିନ ଧରି କଳାହାଣ୍ଡି ଉତ୍ସବ ପାଳନ କରାଯାଇଥାଏ । ହେଲେ ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖା ଦେଇଥିଲା । କିଛି ଅଧିକାରୀଙ୍କ ଅରାଜକତା ଯୋଗୁଁ ବ୍ଲକ ଓ ଏନଏସି ଭାଗ ଭାଗ ହୋଇଗଲେ । ଚଳିତ ବର୍ଷ ବ୍ଲକ ନିଜେ ଏକାକି କରିବା ପାଇଁ ନିଷ୍ପତ୍ତି ନେଲେ ଏବଂ କୁରୁଗୁଡା ହାଇସ୍କୁଲରେ ଖେଳ ପଡ଼ିଆ ଠାରେ କଳାହାଣ୍ଡି ଉତ୍ସବ ପାଳନ କଲେ । ସେହିଭଳି ସେହିଦିନ ଏନଏସି ପକ୍ଷରୁ ମଧ ତାଙ୍କ କାର୍ଯ୍ୟାଳୟ



ପରିସରରେ ଉତ୍ସବ ପାଳନ କଲେ । ଜୁନାଗଡ଼ ବାସୀଙ୍କ ଭାବାବେଗକୁ କୁଠାରଘାତ କରିଥିଲେ । ଅଧିକାରୀ ମାନଙ୍କ ଏଭଳି ମନମୁଖୀ କାର୍ଯ୍ୟ ଯୋଗୁଁ ଜୁନାଗଡ଼ର ଲୋକକଳା, ଲୋକ ସଂସ୍କୃତି ବଳି ପଡିଥିଲା । ବ୍ଲକ ଓ ଏନଏସି ର ଲୋକେ ଚଳିତ ବର୍ଷ ଉତ୍ସବ ଦେଖିବାରୁ ନିରାଶ ହୋଇଥଲେ । ଜୁନାଗଡ଼ର ମାନ, ସ୍ୱାଭିମାନ ଓ ସର୍ବୋପରି ଜୁନାଗଡ଼ ର ଅସ୍ମିତାକୁ ବଞ୍ଚାଇ ରଖିବା ପାଇଁ ଜୁନାଗଡ଼ବାସୀ ପକ୍ଷରୁ ଜୁନାଗଡ଼ ମହୋତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଚଳିତ ଫେବୃଆରୀ ୧୪,୧୫ ଓ ୧୬ ତାରିଖରେ ହାଇସ୍କୁଲ ଖେଳ ପଡିଆ ଠାରେ ଜୁନାଗଡ଼ ମହୋତ୍ସବ ପାଳନ ହେବ । କଳାହାଣ୍ଡି ଉତ୍ସବକୁ ଆଗରୁ ଅଧିକାରୀ ମାନେ ପାଳନ କରୁଥିଲେ, ବର୍ତ୍ତମାନ ଜୁନାଗଡ଼ ମହୋତ୍ସବହେଉଛି ଲୋକଙ୍କ ଉତ୍ସବ,ଏହି ଉତ୍ସବକୁ ଜୁନାଗଡ଼ବାସୀ ଉତ୍ସାହ ଉଦ୍ଦୀପନା ରେ ସମସ୍ତେ ପାଳନ କରିବା ପାଇଁ ଜୁନାଗଡ଼ ମହୋତ୍ସବ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ପ୍ରଚାର ଓ ପ୍ରସାର ବିଭାଗ ର କମିଟି ଗଠନ ହୋଇଥିଲା ଏଥିରେ ପ୍ରଚାର ପ୍ରସାର ବିଭାଗ ର ଅଧକ୍ଷ ଭାବେ ସନ୍ତୋଷ କୁମାର ସିଂହ ଦେଓ, ସହ ଅଧକ୍ଷ ଭାବେ ଖଗେଶ୍ୱର ଧଙ୍ଗଡ଼ାମାଝି, ଅନିଲ ପଣ୍ଡା, ଦୁର୍ଯ୍ୟୋଧନ ମାଝୀ ପ୍ରମୁଖ ଙ୍କୁ ମନୋନୀତ କରାଗଲା ଏହି ଅବସରରେ ବିଭିନ୍ନ ଗଣମାଧମର ପ୍ରତିନିଧି ମାନେ ଯୋଗଦେଇ ଏହି ମହୋତ୍ସବକୁ ସଫଳ କରିବା ପାଇଁ ନିଜର ମତାମତ ପ୍ରଦାନ କରିଥିଲେ ।

# ଦାଦନମୁହାଁ ପଥର କାରିଗର



**କଳାହାଣ୍ଡି,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଗ୍ରାମର ପଥର କାରିଗର ଏବେ ଦୁର୍ଦ୍ଦିନରେ । ପଥର କାରିଗରଙ୍କ ପାଇଁ ଶିଳ୍ପୀଗ୍ରାମ ଭାବରେ ପରିଚିତ କନ୍ଦାଗଡ଼ ଗ୍ରାମର ଶିଳ୍ପୀ । କିନ୍ତୁ ଏବେ ପେଟପାଟଣା ପାଇଁ ଦାଦନ ମୁହାଁ ହେଲେଣି ଶିଳ୍ପୀ। ଖବର ଅନୁଯାୟୀ, ଶିଳ୍ପୀଗ୍ରାମ ଭାବରେ ପରିଚିତ କୋକସରା ବ୍ଲକ କନ୍ଦାଗଡ଼ ଗ୍ରାମର ଅନେକ ଯୁବକ କାହିଁ କେତେ ବର୍ଷରୁ ପଥର ଶିହରଣକୁ ନେଇ ଜୀବନ ଜୀବିକା କରି ପରିବାର ପ୍ରତିପୋଷଣ କରୁଥିଲେ । କିନ୍ତୁ ଏବେ ଜୀବିକା ହରାଇ ଦୁର୍ଦ୍ଦିନରେ ଶିଳ୍ପୀ ପରିବାର। ଏହି ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ମୂର୍ତ୍ତି ଜିଲ୍ଲା ଓ ରାଜ୍ୟ ବାହାରେ ନିଜର କଳାକୃତି ପାଇଁ ବେଶ୍ ପ୍ରଶଂସିତ ହୋଇଛି। କଳାହାଣ୍ଡି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅନୁଦାନରୁ ୧୯୯୩ ମସିହାରେ ତତ୍କାଳୀନ କଳାହାଣ୍ଡି ଜିଲ୍ଲାପାଳ ଅଶୋକ କୁମାର ଦଲାଇ କନ୍ଦାଗଡ଼ରେ ପଥର ଖୋଦେଇ ପାଇଁ ଏକ ଗୃହ ଯୋଗାଇ ଦେଇଥିଲେ ଓ ତାଲିମ ପାଇଁ କିଛି ଯୁବକଙ୍କୁ ଭୁବନେଶ୍ୱର ପଠାଇଥିଲେ। ଯୁବକମାନେ ତାଲିମ ନେଇ ଆସି ପଥରକୁ ନିହାଣ ମୂନରେ ନିଜ ହାତର ସ୍ପର୍ଶରେ ଜୀବନ୍ତ କରି ଅନେକ ଦେବାଦେବୀ କଳା ସ୍ଥାପତ୍ୟ ମୂର୍ତ୍ତି ତିଆରି କରି ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ସମସ୍ତଙ୍କଠାରୁ ପ୍ରଶଂସା ପାଇଥିଲେ । କଳାହାଣ୍ଡି ଉତ୍ସବ ହେଉ ଅବା ଯାନିଯାତ୍ରା ଏହି ଶିଳ୍ପୀଙ୍କ ନିର୍ମିତ ମୂର୍ତ୍ତିର ଚାହିଦା ରହିଛି । ମୂର୍ତ୍ତି ବିକ୍ରି କରି ବେଶ କିଛି ଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ । ତେବେ ଆଉ ସେହି ଦିନ ନାହିଁ, ସରକାରୀ ପ୍ରୋତ୍ସାହନ ଅଭାବରୁ ଏବେ ଏହି କାରିଗରମାନେ ପଥର ଶିଳ୍ପ ପ୍ରତି ମୁହଁ ମୋଡ଼ୁଥିବା ବେଳେ ପେଟପାଟଣା ପାଇଁ ଅଧିକାଂଶ ଯୁବକ କାରିଗର ମାନେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ନୂତନ ପିଢ଼ି ଆଉ ପଥର ଶିଳ୍ପୀ ହେବାକୁ ମନ ବଳାଇ ନାହାଁନ୍ତି । ଏବେ ଗାଁରେ ଥିବା ବରିଷ୍ଠ କାରିଗର କୋଉଠୁଁ ମୂର୍ତ୍ତି ପାଇଁ ବରାଦ ମିଳିଲେ କରୁଛନ୍ତି। ନହେଲେ କାମଧନ୍ଦା ବନ୍ଦ କରି ଘରେ ବସିଛନ୍ତି । ଯଦି ସେମାନଙ୍କୁ ସରକାର ପ୍ରୋତ୍ସାହନ ସହ ତାଙ୍କ ପଥର ମୂର୍ତ୍ତିକୁ ବିକ୍ରି କରିବା ପାଇଁ ବଜାର ବ୍ୟବସ୍ଥା କରାଇ ଦିଅନ୍ତେ ତା'ହେଲେ ଆଗକୁ କିଛି ସମ୍ଭାବନା ସୃଷ୍ଟି ହେବ ବୋଲି ବରିଷ୍ଠ ପଥର ଖୋଦେଇ ଶିଳ୍ପୀମାନେ କହିଛନ୍ତି । ତେବେ କଳାହାଣ୍ଡିର ଏପରି ବିଲୁପ୍ତ ହେବାକୁ ବସିଥିବା ଶିଳ୍ପୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଜୋର ଧରିଛି ।

### ଗୁଣିଗାରେଢ଼ି ସନ୍ଦେହରେ କଙ୍ଗାରୁ କୋର୍ଟ ମାମଲା

# ପୀଡ଼ିତ ପରିବାରକୁ ସୁରକ୍ଷା ନିର୍ଦ୍ଦେଶ ଦେଲେ ହାଇକୋର୍ଟ

## ମାମଲାରେ ସତ୍ୟପାଠ ଦାଖଲ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ

**ବାରିପଦା,(ନି.ପ୍ର) :** ଡାହାଣୀ ସନ୍ଦେହ ନେଇ କଙ୍ଗାରୁ କୋର୍ଟ ଜରିଆରେ ଏକ ପରିବାରକୁ ଗାଁରେ ବିଗତ ୧୮ବର୍ଷ ଧରି ବାସନ୍ଦ କରିରଖିବା ଏବଂ ମୌଳିକ ସୁବିଧାରୁ ବଞ୍ଚିତ ରଖାଯିବାକୁ ନେଇ ପୀଡିତ ଆବେଦନ କାରୀଙ୍କ ତରଫରୁ ରୁଜୁ ହୋଇଥିବା ଏକ ମାମଲାରେ ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ମୟୂରଭଞ୍ଜ ଏସପି ଏବଂ ବାଙ୍ଗିରିପୋଷି ଆଇଆଇସି ଅନୁଷ୍ଠିତ ଶୁଣାଣିରେ ଅଭାସି ଜରିଆରେ ହାଜର ହୋଇଥିଲେ । ମାମଲାକୁ ହାଇକୋର୍ଟ ଗମ୍ଭୀରତାର ସହ ନେଇ ଅସନ୍ତୋଷ ପ୍ରକଟ କରିବା ସହ ବାସନ୍ଦ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ସତ୍ୟପାଠ ଦାଖଲ କରିବାକୁ ମୟୂରଭଞ୍ଜ ଏସପିଙ୍କୁ ନିର୍ଦ୍ଦେଶ ଦେବା ସହ ଗ୍ରାମବାସୀଙ୍କ ବାସନ୍ଦ କାରଣରୁ ଆବେଦନକାରୀଙ୍କ ପତ୍ନୀଙ୍କ ଶୁଦ୍ଧି କାର୍ଯ୍ୟ ମଧ ଦୀର୍ଘ ଦିନ ଧରି କରିପାରି ନଥିବାରୁ ପରିବାର ସଦସ୍ୟଙ୍କ ବ୍ୟତୀତ ଅନ୍ୟ କୌଣସି ସାମାଜିକ ସଂଗଠନକୁ ସାମିଲ ନକରି ଶୁଦ୍ଧିକ୍ରିୟା ସମ୍ପାଦନ କରାଯିବା ଏବଂ ପୋଲିସ



ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୀଡିତଙ୍କ ଜମିରୁ ଫସଲ ଅମଳ କରିବାକୁ ଗ୍ରାମବାସୀ ଦେଇ ନଥିବାରୁ କିପରି ଫସଲ ଅମଳ କରି ପାରିବେ ଏବଂ ସର୍ବାଧାରଣ ନିମନ୍ତେ ବ୍ୟବହୃତ ପୋଖରୀ, ଟ୍ୟୁବୱେଲ ଓ କୂଅରୁ ପାନୀୟ ଜଳ ପୀଡିତ ବ୍ୟବହାର କରିପାରିବେ ସେ କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଲାଗି ଅଦାଲତ ମୟୂରଭଞ୍ଜ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ମୟୂରଭଞ୍ଜ ଜିଲ୍ଲା ବାଙ୍ଗ୍ରିପୋଷି ଥାନା ଅନ୍ତର୍ଗତ ଦିଘି ଗ୍ରାମପଞ୍ଚାୟତର ଦୋରକଣ୍ଠିଆ ଗ୍ରାମର ସୁନ୍ଦର ମୋହନ ମାଝୀ (୭୦)ଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଏସ.କେ.ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୨୫ ନୁ ଧାର୍ଯ୍ୟ ହୋଇଛି। ସୂଚନା ଥାଉକି, ଗୁଣିଗାରେଢ଼ି ସନ୍ଦେହରେ ଆବେଦନକାରୀଙ୍କ ପରିବାରକୁ ଦୀର୍ଘ ୧୮ବର୍ଷ ତଳେ କଙ୍ଗାରୁକୋର୍ଟ କରାଯାଇ ତାଙ୍କ ଗାଁରୁ ନିଆଁ, ପାଣି ବାସନ୍ଦ ସହ ୨୫ ହଜାର ଟଙ୍କା ଜୋରିମାନା କରାଯାଇଥିଲା । ଏବେ ନିକଟରେ ତାଙ୍କ ପତ୍ନୀଙ୍କର ଦେହାନ୍ତ ହେବାପରେ ତାଙ୍କୁ ଶ୍ମଶାନରେ ଶବଦାହ ପାଇଁ ଗ୍ରାମ କମିଟି ଅନୁମତି ଦେଇନଥିଲେ. ପରେ ପୋଲିସ ସହାୟତରେ ୩୦ଘଣ୍ଟା ପରେ ଶବକୁ ପୋତି ଦିଆଯାଇଥିଲା। ସେହିପରି ପୀଡିତ ପରିବାର ନିଜ ଜମିରେ କରିଥିବା ଧାନଚାଷ କୁ ଅମଳ କରିବାକୁ ଦେଇ ନଥିବାରୁ ଚାଷ ନଷ୍ଟ ହୋଇ ଯାଇଛି। ଏନେଇ ଗତ ନଭେମ୍ବର ୭ରେ ସେ ବାଙ୍ଗିରିପୋଷି ଥନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ. ଫଳରେ ସେ ହାଇକୋର୍ଟଙ୍କ ବାରସ୍ଥ ହୋଇଥିଲେ।

# ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା ବୈଠକ

**ବାରିପଦା,(ନି.ପ୍ର) :** ମୟୁରଭଞ୍ଜ ଜିଲ୍ଲା,ସାତକୋଶିଆ ବନାଞ୍ଚଳ ଅଧୀନ ଯାମୁବଣି ଠାରେ ଆଜି ଆର୍ ସି ଡ଼ି ସି ଅନୁଷ୍ଠାନ ଦ୍ୱାରା ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ବଉଳା ଓ ଯାମୁବଣି ଗ୍ରାମ ର ନେତୃସ୍ଥାନୀୟ ବ୍ୟକ୍ତି ମାନେ ଯୋଗଦାନ କରିଥିଲେ । ସମିତି ସଭ୍ୟ ବମିଆ ବାନରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବନ ବିଭାଗର ର ବରିଷ୍ଟ କର୍ମଚାରୀ ଗଦାଧର ମହାନ୍ତ, ଯୋଗଦାନ କରିଥିଲେ, ଜଙ୍ଗଲ ନିଆଁ କୁ ଆୟତ କରିବା ର ପଦ୍ଧତି କୁ କାର୍ଯ୍ୟକ୍ରମ



ରେ ବୁଝାଇ ଦିଆଯାଇଥିଲା । ଜଙ୍ଗଲ ନିଆଁ କଣ କ୍ଷତି କରେ, ତାହା ଉପରେ ଆର୍ ସି ଡ଼ି ସି କାର୍ଯ୍ୟକ୍ରମ ପରିଚାଳକ ଆନନ୍ଦ ସେଠୀ ବିସ୍ତୃତ ଭାବେ ବୁଝାଇଥିଲେ । ଗ୍ରାମ ବାସୀ ମାନେ ନିଆଁ କୁ ସମ୍ପୂର୍ଣ ଆୟତ କଲେ ଗ୍ରାମର ସୁନାମ ବଢ଼ିବା ସହ ଛତୁ ଶାଗ ପରି ଅନ୍ୟ ଦ୍ରବ୍ୟ ମଧ ଜଙ୍ଗଲରୁ ମିଳିବା ଉପରେ ଆଜିର ବୈଠକ ରେ ବିଶେଷ ଆଲୋଚନା ରେ ସ୍ଥାନ ପାଇଥିଲା । ଶେଷରେ ଚନ୍ଦ୍ରମଣି ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଓଜେୟୁ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ

## ଦିବ୍ୟ ପଟ୍ଟନାୟକ ସଭାପତି ଓ ସତ୍ୟଜିତ ପଣ୍ଡା ସମ୍ପାଦକ

**ବୌଦ୍ଧ,(ନି.ପ୍ର) :** ବୌଦ୍ଧ ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ କାର୍ଯ୍ୟାଳୟ ଠାରେ ଓଡିଶା ଜର୍ଣ୍ଣାଲିଷ୍ଟ ୟୁନିଅନ ବୌଦ୍ଧ ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଜେୟୁ ଜିଲ୍ଲା ଶାଖା ସଭାପତି ପୂର୍ଣ୍ଣ ଚରଣ ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ସଂଘର ବିଭିନ୍ନ ସମସ୍ୟା, ସାଂଗଠନିକ ଓ ସାମ୍ବାଦିକ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଓଡିଶା ଜର୍ଣ୍ଣାଲିଷ୍ଟ ୟୁନିୟନ ତରଫରୁ ଭୁବନେଶ୍ୱର ଠାରେ ହେଉଥିବା ବାର୍ଷିକ ଉତ୍ସବରେ ସମସ୍ତ ସଦସ୍ୟ ଯୋଗ ଦେବା ପାଇଁ ବୈଠକ ରେ ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ ଓଜେୟୁ ବୌଦ୍ଧ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ସଭାପତି ଭାବରେ ଦିବ୍ୟରଞ୍ଜନ ପଟ୍ଟନାୟକ, ଜୟ କୁମାର ମହାରଣା ଉପସଭାପତି, ସତ୍ୟଜିତ ପଣ୍ଡା ସମ୍ପାଦକ, ଯୁଗ୍ମ ସମ୍ପାଦକ ସୁଶାନ୍ତ ବେହେରା, କୋଷାଧକ୍ଷ ଭାବେ ଦୀପକ ଅଦର ମନୋନୀତ ହୋଇଥିଲେ । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ଭାବରେ ଅବଦୁଲ ମୋହସିନ ଖାନ, ଚିତ୍ତ ରଞ୍ଜନ ସିଂହ, ରଞ୍ଜନ କୁମାର ପାତ୍ର



ଉପଦେଷ୍ଟା ଭାବେ ଦିବ୍ୟଶଙ୍କର ରାଉତ, ଯୁଗଳ କିଶୋରସାମଲଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଜିଲ୍ଲା କମିଟି ସଦସ୍ୟ ଭାବରେ ଦେବାଶିଷ ମଲିକ, ବଂଶୀଧର ମାଝୀ, ସୁଜାତା ସାହୁ, ସତ୍ୟନାରାୟଣ ପାଣି, ବାସୁଦେବ ସାହୁ, ଦେବାନନ୍ଦ ସାହୁ, ସୁଧାଂଶୁ ଶେଖର ମିଶ୍ର, ବବଲୁ ପାତ୍ରୀ,ସଂଜିତ ମହାକୁଡ଼ଙ୍କୁ ମନୋନୀତ କରାଯାଇଥିଲା । ପୂର୍ଣ୍ଣ ଚରଣ ସାହୁଙ୍କୁ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା ଶେଷରେ ସଦସ୍ୟ ସତ୍ୟନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅମରାବତୀ ମହୋତ୍ସବରେ ସମ୍ବର୍ଦ୍ଧନା

**ବଡ଼ଚଣା,(ନି.ପ୍ର) :** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଅମରାବତୀ ମାଘ ମହୋତ୍ସବ ର ଚତୁର୍ଥ ସନ୍ଧ୍ୟାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ମହୋତ୍ସବ କମିଟିର ସଭାପତି ଅନିଲ କୁମାର ବେହେରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାଘ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇ ଥିଲେ ।ସମ୍ମାନିତ ଅତିଥି ଭାବେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ,ମୁଖ୍ୟ ବକ୍ତା ଭାବେ ପୂର୍ବତନ ପିସିସି ସମ୍ପାଦକ ଡଃ ସନ୍ତୋଷ ବଳ,ଇଷ୍ଟର୍ଣ୍ଣ ରାଇସ ମିଲ ପରିଚାଳକ ବିଦ୍ୟାଧର ମହାନ୍ତି,ସରପଂଚ ବିଶ୍ୱ ବିଜୟି ବ୍ରହ୍ମ,ସରପଂଚ ସୁଲୋଚନା ପ୍ରଧାନ,ସମିତି ସଭ୍ୟ ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିବା ବେଳେ ଆବାହକ ଦୀପକ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ସମାଜ ସେବୀ ବିକାଶ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ ।ସମ୍ପାଦକ ନୀଳମଣି ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ। ସୋଲର ଗ୍ରାମର ବିସ୍ମୟ ବାଳକ ରୁଦ୍ରାଂଶୁ ବେହେରା ଙ୍କ ନାମ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ରେ ସ୍ଥାନିତ ହୋଇଥିବା ରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ସୁରଭି କାର୍ଯ୍ୟକ୍ରମରେ ପ୍ରବନ୍ଧ ରଚନା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପଦ୍ମନାଭ ପୁର ୟୁଜିଏମ୍ ସ୍କୁଲର ଛାତ୍ରୀ ଜୟଶ୍ରୀ ରାଉତ ଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ସତ୍ୟଜିତ ପ୍ରଧାନ ଙ୍କ ମେଲୋଡି ପରିବେଷଣ ଦର୍ଶକ ଙ୍କୁ ଆକର୍ଷିତ କରିଥିଲା।

# ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ



**ମୁନିଗୁଡା,(ନି.ପ୍ର) :** ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ଆଞ୍ଚଳିକ ସାଧନ କେନ୍ଦ୍ରର ବାର୍ଷିକ କ୍ରୀଡା ସାଧନ କେନ୍ଦ୍ର ଅନ୍ତର୍ଗତ ୧୪ ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଆଜି ଅମ୍ବାଦଳା ଶନିମନ୍ଦିର ନିକଟସ୍ଥ ଖେଳପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି ପୁର୍ବାହ୍ନ ୧୦ ଘଣ୍ଟା ସମୟରେ ରାଜ୍ୟ ଏକ୍ସ କ୍ୟାର୍ଡ ଶିକ୍ଷକ ସଂଘ ର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ରାୟଗଡା ଜିଲ୍ଲା ସଭାପତି ମୁଖ୍ୟ ଅତିଥି ବାବେ ଅମ୍ବାଦଳା ସାଧନ କେନ୍ଦ୍ର ସଞ୍ଜୋଜକ ପବିତ୍ର କୁମାର ଲିମାଙ୍କ ଉପସ୍ଥିତିରେ ଏହି କ୍ରୀଡା କୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗ ତଥା ପୁଚି ଖେଳ ସଫୁଟ୍ ଅଖାଡିଆଁ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ଚୟନ କରାଯାଇଥିଲା ଅପରାହ୍ନ ସମୟରେ ଏହା ଉଦ୍‌ଯାପନ କାର୍ଯ୍ୟକ୍ରମ ରେ ମୂଖ୍ୟ ଅତିଥି ଭାବେ ମୁନିଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଭି.ଭାସ୍କର ରାଓ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନେ ଶିକ୍ଷା ଓ କ୍ରୀଡା କିପରି ମଣିଷ ଜୀବନଶୈଳୀର ବିକାଶ ପାଇଁ ଆବଶ୍ୟକ ତାହା ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ ଗୋଷ୍ଠୀ ଶିକ୍ଷାଧିକାରୀ ରାଓ ଙ୍କ ସମେତ ମଞ୍ଚାସୀନ ଅତିଥି ପବିତ୍ର କୁମାର ଲିମା ବିଜୟ ମିଶ୍ର ରିନା ଶବର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେଏହି କାର୍ଯ୍ୟକ୍ରମର ଶ୍ରେୟ ସାଧନ ସଞ୍ଜୋଜକ ପବିତ୍ର କୁମାର ଲିମା ଙ୍କୁ ଯାଉଥିବା ବେଳେ ସାଧନ କେନ୍ଦ୍ର ଅନ୍ତର୍ଗତ ଶିକ୍ଷକ, ଶିକ୍ଷୟିତ୍ରୀ ଗିତାଞ୍ଜଳି ବେହେରା ଦିଲିପ କୁମାର ମିଶ୍ର ପ୍ରମୋଦ ନାୟକ କେ. ଗିତା କୁମାରି ମନୋଜ ନାୟକ ଙ୍କ ସମେତ ସମସ୍ତ କେନ୍ଦ୍ର ସଂଯୋଜକ ଶ୍ରୀଲିମା ପ୍ରକାଶ କରିଥିଲେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ରାମ ବିହାରି ଙ୍କ ଯାଦୁ ପ୍ରଦର୍ଶନ ସମସ୍ତଙ୍କୁ ବିମୋହିତ କରିଥିଲା।

# ଏମପିସି କଲେଜ ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର ଉଦ୍‌ଘାଟିତ

**ବାରିପଦା,(ନି.ପ୍ର) :** ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନଏସଏସ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ଙ୍କ ତତ୍ତ୍ୱାବଧାନରେ ଏବଂ ମହାବିଦ୍ୟାଳୟ ର ଅଧକ୍ଷ ପ୍ରଫେସର ଡଃ ପ୍ରମୋଦ ଚନ୍ଦ୍ର ସାହୁ ପୈରୋହିତ୍ୟରେ ଉଦଘାଟିତ ହୋଇଯାଇଛି । ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ , ଉଚ୍ଚଶିକ୍ଷା ବିଭାଗର ଡେପୁଟି ରିଜାଓନାଲ ଡାଇରେକ୍ଟର ଡଃ କୈଳାସ ଚନ୍ଦ୍ର ମିଶ୍ର ଯୋଗଦେଇ ଜାତୀୟ ସେବା ଯୋଜନା ର ଗୁରୁତ୍ୱ ବିଷୟରେ ସ୍ୱେଚ୍ଛାସେବୀ ମାନଙ୍କୁ ବକ୍ତବ୍ୟ ଦେଇଥିଲେ । , ରଞ୍ଜନା ରାଣୀ ସିଂ ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ. ସ୍ୱେଚ୍ଛାସେବୀ ଋତୁପର୍ଣ୍ଣା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ସ୍ୱେଚ୍ଛାସେବୀ ଆଦର୍ଶ କୁମାର ରାଉତ, ରିଙ୍କୁ ଦାସ, ସାଇ ରଞ୍ଜନ ଲେଙ୍କା, ଦେବସ୍ମିତା ନାୟକ, କୁମାର ପି. ଜ୍ୟୋତିର୍ମୟ ପ୍ରମୁଖ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ। ଶେଷରେ ଡଃ ପ୍ରିୟବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସେବା ସମ୍ମାନ-୨୦୨୫ରେ ସମ୍ମାନିତ ହେଲା ଭରସା ପରିବାର ଓଡ଼ିଶା

**ବାରିପଦା,(ନି.ପ୍ର) :** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ନୂଆପଡ଼ା ଗ୍ରାମର ମା ଟାଙ୍ଗରାଶୁଣୀ ଯୁବକ ସଂଘର ପଞ୍ଚମ ବାର୍ଷିକ ଉତ୍ସବର ଉଦଯାପନୀ ଉତ୍ସବରେ ସମ୍ମାନୀତ ହେଲା ଭରସା ପରିବାର ଓଡ଼ିଶା କ୍ଷ ସୂଚନା ମୁତାବକ ଗତ ୨୮ ତାରିଖ ଠାରୁ ୩୧ ତାରିଖ ପଯ୍ୟନ୍ତ ଚାଲିଥିବା ବାର୍ଷିକ ଉତ୍ସବରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଓଡ଼ିଶାର ରାଜ୍ୟ ସଭାପତି ପ୍ରତାପ କୁମାର ରାୟଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଉପସ୍ଥିତ ହୋଇ ଉତ୍ସାହିତ କରିବା ଓ ସମ୍ମାନ ଗ୍ରହଣ ପାଇଁ ସ୍ୱତନ୍ତ୍ର ନିମନ୍ତ୍ରଣ କରା ଯାଇଥିଲା । ମୁଖ୍ୟ ଅତିଥି ଭାବେ ଭରସା ପରିବାର ଓଡ଼ିଶାର ରାଜ୍ୟ ମହିଳା ସଭାନେତ୍ରୀ ମାଳତୀ ମହାନ୍ତ , ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ସଭାପତି ଜନ୍ମେଜୟ ସିଂହ, ମୁଖ୍ୟ ବକ୍ତା ଭାବେ ସମ୍ପାଦକ ଧର୍ମପଦ ନାଏକ ମଞ୍ଚାସିନ ହୋଇ ଭରସା ପରିବାରର ସେବାକାର୍ଯ୍ୟକୁ ବ୍ୟାପକ କରିବାରେ ଆଞ୍ଚଳିକ



ସଦସ୍ୟ ସଦସ୍ୟା ମାନଙ୍କର ଅବଦାନ ଓ ରକ୍ତଦାନ କ୍ଷେତ୍ରରେ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମା ଟାଙ୍ଗାରା ଶୁଣୀ ଯୁବକ ସଂଘର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ । ସମ୍ମାନ ଗ୍ରହଣ ଓ ଉତ୍ସାହିତ କରିବା ପାଇଁ ଭରସା ପରିବାର ଓଡ଼ିଶାର ରାଜ୍ୟ ସଭାପତି ପ୍ରତାପ କୁମାର ରାୟଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ମହିଳା ସଭାନେତ୍ରୀ ମାଳତୀ ମହାନ୍ତ , କେନ୍ଦୁଝର ଜିଲ୍ଲା ସଭାପତି ଜନ୍ମେଜୟ ସିଂ, କାର୍ଯ୍ୟକାରୀ ସଭାପତି ଭାରତ ଚନ୍ଦ୍ର ମହାନ୍ତ , କୋଷାଧକ୍ଷ ବୁଧୁରାମ ମହାନ୍ତ , ମୟୂରଭଞ୍ଜ ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମହାନ୍ତ , ସମ୍ପାଦକ ଧର୍ମପଦ ନାଏକ, ପାଟଣା ବ୍ଲକ ସମ୍ପାଦକ ବାପୁନ କୁମାର ମହାନ୍ତ, ରକ୍ତ ସଂଯୋଜିକା ପ୍ରଣତୀ ମହାନ୍ତ, ଅନିଲ କୁମାର ବେହେରା, ରକ୍ତବୀର ରାଜା ମହାନ୍ତ, ସୁମନ୍ତ, ରକ୍ତବୀର ଅକ୍ଷୟ ମହାନ୍ତ, ମିଡ଼ିଆ ସଂଯୋଜକ ଦଶରଥ ବାରିକ , ରକ୍ତବୀର ରାଜକିଶୋର ବାରିକ , ଦିଲ୍ଲିପ ନାଏକ, ରକ୍ତବୀର ଯୁଧିଷ୍ଠିର ମହାନ୍ତ , ଶ୍ରୀପଦ ନାଏକ, ଭରତ ବାରିକ, ନିରଞ୍ଜନ ନାଏକ , ମଣ୍ଟୁ ନାଏକ, ପ୍ରଦୀପ ନାଏକ, ଦୀପକ ବାରିକ, ଯବାନ ନାଏକ, ନରସିଂହ ନାଏକ , ଲୁଲୁ ମହାନ୍ତ , ପ୍ରଶାଦ ନାଏକ , ଲୁଚୋନ ବାରିକ, ଅଜୟ ନାଏକ ଓ ଉପସ୍ଥିତ ଥିବା ଅନ୍ୟ ସମସ୍ତ ସଦସ୍ୟ ସଦସ୍ୟାଙ୍କ ସହିତ ମା ଟାଙ୍ଗାରାଶୁଣୀ ଯୁବକ ସଂଘର ଯୁବ ପୀଢ଼ିଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ମହାନ୍ତ ଧନ୍ୟବାଦ୍ ଅର୍ପଣ ପୂର୍ବକ ସେବା କାର୍ଯ୍ୟକୁ ବ୍ୟାପକ କରିବା ପାଇଁ ଆହ୍ୱାନ ଜଣେଇଛନ୍ତି ।

# ମହାପୁରୁଷ ବନମାଳୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିବିର

**ଚଣ୍ଡିଖୋଲ,(ନି.ପ୍ର) :** ବଡ଼ଚଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଶାଳପଡା ପଞ୍ଚାୟତ ର ସାଇଲିପଡା ସ୍ଥିତ ମହାପୁରୁଷ ବନମାଳୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ପୋଷ୍ୟ ଗ୍ରାମ ବୈଦେଇପୁର ଠାରେ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନା ର ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଛି । ଏହି ଶିବିର ରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚାରା ରୋପଣ, ସଡ଼କ



ସୁରକ୍ଷା, ସ୍ୱଚ୍ଛ ଭାରତ ଅଭିଯାନ ଓ ଅଗ୍ନିନିର୍ବାପକ ସଚେତନତା କାଯ୍ୟକ୍ରମ କରାଯାଇଥିଲା। ଏଥିରେ ୫୦ଜଣ ସ୍ୱେଚ୍ଛାସେବୀ ଛାତ୍ର ଭାଗ ନେଇଥିଲେ। ଉଦଯାପନୀ ଶିବିର ରେ ଅତିଥି ରୂପେ ଜାତୀୟ ସେବା ନିର୍ବାହୀ ଅଧିକାରୀ ଅଧାପକ ଶ୍ରୀ ସୁଦୀପ୍ତ କୁମାର ବିଶ୍ୱାଳ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ମାନବ ସେବା ମାଧବ ସେବା କହିବା ସହ ଜାତୀୟ ସେବା ଶିବିର ର ଲକ୍ଷ୍ୟ ଓ ଉଦେଶ୍ୟ ବିଷୟ ରେ ଆଲୋଚନା କରିଥିଲେ। ଅଦକ୍ଷ ଚିତ୍ତରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଶିବିରାଥି ଙ୍କୁ କାଯ୍ୟକ୍ରମ ର ସଫଳତା ସମ୍ପର୍କ ରେ ଅବଗତ କରାଇଥିଲେ। ପୋଗ୍ରାମ ଅଫିସର ଅଧାପକ ଦିଲ୍ଲିପ କୁମାର ନାୟକ ଜାତୀୟ ସେବା ଯୋଜନା କୁ ପରିଚାଳନା କରିଥିଲେ। ଏହି ଶିବିର ରେ ଅନ୍ୟ ମାନଙ୍କ ମଧରେ ଅଧାପକ ସତ୍ୟବ୍ରତ ଆଚାର୍ଯ୍ୟ, ମଳୟ ରଞ୍ଜନ ପ୍ରଧାନ, ଶିବ ପ୍ରସାଦ ହୋତା, ଅଧାପିକା ସରୋଜିନୀ ପୃଷ୍ଟି,ଅନୁପମା ପ୍ରଧାନ,ଅସତ କୁମାର ସାହୁ, ଅଭିମନ୍ୟୁ ବରାଳ, ଆଶୁତୋଷ ପୃଷ୍ଟି, କୁଳମଣି ସେଠି ପ୍ରମୁଖ କାଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଏହି ଜାତୀୟ ସେବା ଯୋଜନା ରେ ଭାଗ ନେଇଥିବା ସ୍ୱେଚ୍ଛାସେବୀ ଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।